ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 46 | 13 - 19 November 2022 | Sambalpur | Page- 8 | Invitation Price Rs.10

# ହୀରାକୁଦ ଜଳଭଣ୍ଡାରର ପ୍ରଦୂଷଣ ବାବଦରେ ରାଜ୍ୟ ସରକାରଙ୍କୁ ଏନ୍.ଏଚ୍.ଆର୍.ସିର ନୋଟିସ୍

ସମ୍ବଲପୁର : ହୀରାକୁଦ ପାଣି ଓଡ଼ିଶାର ୨୦ ଜିଲା ପାଇଁ ଜୀବନ ଜୀବିକାର ଆଧାର ହୋଇଥିବାରୁ ଏହାର ପ୍ରଦୂଷଣ ସମ୍ପର୍କରେ ଜାତୀୟ ମାନବାଧିକାର ଆୟୋଗ ଚିନ୍ତା ପ୍ରକାଶ କରିଛନ୍ତି । ପ୍ରଦୂଷଣ ଯୋଗୁ ମତ୍ସ୍ୟ ପ୍ରଜାତି ସଂଖ୍ୟା ଉଦ୍‌ବେଗଜନକ ଭାବେ ହ୍ରାସ ପାଇ ଚାଲିଥିବା ବେଳେ ହୀରାକୁଦ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଜଳସମ୍ପଦ ବିଭାଗ କି ପ୍ରତିକାରମୂଳକ ପଦ କ୍ଷେପ ନେଇଛି ଜଣାଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି । ସୁପ୍ରିମକୋର୍ଟ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀଙ୍କ ଏକ ଅଭିଯୋଗ ଆଧାରରେ ଜାତୀୟ ମାନବାଧିକାର ଆୟୋଗ ହୀରାକୁଦ ଜଳ ପ୍ରଦୂଷଣର ପ୍ରତିକାର ଦିଗରେ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି, ତାହା ଜଣାଇବାକୁ ମୁଖ୍ୟ ସଚିବଙ୍କୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ମହାନଦୀ ଉପରମୁଣ୍ଡରୁ ଆସୁଥିବା ପାଣି ତାହା ସାଙ୍ଗରେ ଛତିଶଗଡ଼ ଭିଲାଇର ଲୁହା ଓ ଇସ୍ପାତ କାରଖାନା, ରାୟପୁର ଓ ଦୁର୍ଗର ସିମେଣ୍ଟ କାରଖାନା, ରାଜନନ୍ଦଗାଁର କପଡ଼ା କାରଖାନା, ବିଲାସପୁରର କାଗଜ କାରଖାନା, କୋର୍ବାର ରାସାୟନିକ କାରଖାନାରୁ ନିର୍ଗତ ଶିଳ୍ପ ଆବର୍ଜନା ଧରି ହୀରାକୁଦ ଜଳଭଣ୍ଡାରରେ ମିଶୁଛି । ତା ସହିତ ଓଡ଼ିଶା ପଟେ ଝାରସୁଗୁଡ଼ା ଜିଲ୍ଲାର ବେଦାନ୍ତରୁ ନିର୍ଗତ ଆବର୍ଜନା ଭେଡ଼େନ ନଦୀ ଦେଇ ଓ ଇବ ଉପତ୍ୟକାର ଏମସିଏଲ କୋଇଲା ଖଣିର ଆବର୍ଜନା ଇବ୍ ଓ ଭେଡେନ ନଦୀ ଦେଇ ଜଳ ଭଣ୍ଡାରରେ ପଡୁଛି । ହୀରାକୁଦ ଉପରମୁଣ୍ଡରେ ମହାନଦୀ ଅବବାହିକାରେ ଗଢ଼ି ଉଠିଥିବା ୪୪ ସହର ଓ ୨୭ ଗାଁ ବ୍ୟତୀତ ହୀରାକୁଦ ଜଳଭଣ୍ଡାର ଚତୁଃପାର୍ଶ୍ୱରେ ଥିବା ୨୪ଟି ସ୍ପଞ୍ଜ ଲୁହା କାରଖାନା, ୩ଟି ସ୍ମେଲଟର, ୧୮.ଟି ପାୱାର ପ୍ଲାଣ୍ଟ, ଗୋଟିଏ ସିମେଣ୍ଟକାରଖାନା, ୧୫ ଖଣି, ୪୮ ରାଇସ ମିଲ, ୨୮ କ୍ରସରରୁ ପ୍ରତି ଦିନ ୩ ଲକ୍ଷ ୪୫ ହଜାର ଲିଟର ବିଷାକ୍ତ ଆବର୍ଜନା ବିଭିନ୍ନ ରାସ୍ତାରେ ହୀରାକୁଦ ପାଣିରେ ମିଶୁଛି । ୫୫ କିଲୋମିଟର ଦୀର୍ଘ ଓ ୭୪୩ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ ଏହି ଜଳଭଣ୍ଡାରର ପ୍ରତି ବର୍ଗ କିଲୋମିଟର ପାଣିରେ ୧୦୦୦ କିଲୋ ବିଭିନ୍ନ ପ୍ରକାର ଗୁଣ୍ଡ ପବନରେ ଉଡ଼ି ଆସି ପଡୁଛି । ଓଡ଼ିଶା ପାର୍ଶ୍ୱରେ ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାର କାରଖାନାରୁ ପ୍ରତି ବର୍ଷ ୪.୫୮ ନିୟୁତ ଟନ୍ କଠିନ ଓ ତରଳ ଆବର୍ଜନା ସିଧା ହୀରାକୁଦ ଜଳଭଣ୍ଡାରକୁ ପ୍ରଦୂଷିତ କରିଚାଲିଛି ।

କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ରିପୋର୍ଟ ଅନୁସାରେ ହୀରାକୁଦ ଜଳ ଭଣ୍ଡାରରେ ବାର୍ଷିକ ୮୦୦ ଟନ୍ ପ୍ରଦୂଷଣକାରୀ ଦ୍ରବ୍ୟ ମିଶୁଛି ।



ମହାନଦୀର ୮୩,୪୦୦ ବର୍ଗ କିଲୋମିଟର ଅବବାହିକା ଅଞ୍ଚଳରେ ଥିବା ଜନବସତିରୁ ନିର୍ଗତ ଦୂଷିତ ଜଳ ଓ ଶିଳ୍ପ ଆବର୍ଜନା ପାଣିରେ ସୀସା, କ୍ରୋମିଅମ୍, କାଡମିଅମ୍, ଜିଙ୍କ୍ ଓ ପାରଦ, କାର୍ବୋନେଟ, ବାଇ- କାର୍ବୋନେଟ, ଲୁହା, ମାଙ୍ଗାନିଜ, ତମ୍ବା ଓ ଫ୍ଲୋରାଇଡ ଅଂଶ ଆସି ହୀରାକୁଦ ପାଣିରେ ପଡୁଥିବା ବିଭିନ୍ନ ଗବେଷଣା ଓ ପରୀକ୍ଷଣରୁ ଜଣାପଡ଼ିଛି । ଏହାର ତ୍ୱରିତ ପ୍ରତିକାର ବ୍ୟବସ୍ଥା ନ କଲେ ନିକଟ ଭବିଷ୍ୟତରେ ହୀରାକୁଦ ଜଳଭଣ୍ଡାର ଚତୁଃପାର୍ଶ୍ୱ ଜନବସତିରେ ଫ୍ଲୋରୋସିସ ଏକ ବଡ଼ ବିପଦ ଭାବେ ଉଭା ହେବ ବୋଲି କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ସତର୍କ କରାଇ ଦେଇଛି । ଗବେଷକମାନେ ହୀରାକୁଦ ପ୍ରଦୂଷଣର ସବୁଠାରୁ ବଡ଼ ପ୍ରମାଣ ଭାବେ ଗ୍ରହଣ କରିଛନ୍ତି ଜଳଭଣ୍ଡାରରେ କ୍ରମଶଃ ହ୍ରାସ ପାଇ ଚାଲିଥିବା ମତ୍ସ୍ୟ ପ୍ରଜାତିର ସଂଖ୍ୟା ଓ ଉତ୍ପାଦନକୁ । ବେଙ୍ଗାଲୁରୁ ସ୍ଥିତ କେନ୍ଦ୍ରୀୟ ଅନ୍ତର୍ଦେଶୀୟ ମତ୍ସ୍ୟ ଗବେଷଣା କେନ୍ଦ୍ର (ସିଆଇଏଫଆରଆଇ) ରିପୋର୍ଟ ଅନୁସାରେ ହୀରାକୁଦ ବନ୍ଧ ନିର୍ମାଣ ପରେ ପରେ ଏହି ଜଳଭଣ୍ଡାରରେ ୧୮୩ ପ୍ରଜାତିର ମାଛ ଥିଲେ । କିନ୍ତୁ ଏବେ ମାତ୍ର ୬୨ ପ୍ରଜାତିର ମାଛ ଅଛନ୍ତି । ଗତ ୫୦ ବର୍ଷରେ ୧୪୦ ପ୍ରଜାତିର ମାଛ ବିଲୁପ୍ତ ହୋଇ ଗଲେଣି । ସେହିପରି ପୂର୍ବରୁ ମୁଣ୍ଡ ପିଛା ୩୪୭ କିଲୋ ମାଛ ଉତ୍ପାଦନ ଥିଲା । ଏବେ ତାହା ୨୦ କିଲୋକୁ ହ୍ରାସ ପାଇଛି । ପ୍ରଦୂଷଣ ଏହାର ପ୍ରମୁଖ କାରଣ ବୋଲି ଏହି ଗବେଷଣା ସଂସ୍ଥା ଦର୍ଶାଇଛି । ହୀରାକୁଦ ଜଳଭଣ୍ଡାରରେ ପ୍ରଦୂଷଣ ନିୟନ୍ତ୍ରଣ, ମତ୍ସ୍ୟ ପ୍ରଜାତିଙ୍କ ସୁରକ୍ଷା ଓ ମତ୍ସ୍ୟଜୀବୀଙ୍କ ଜୀବନଜୀବିକା ରକ୍ଷା ଦିଗରେ ରାଜ୍ୟ ସରକାର କି ପଦକ୍ଷେପ ନେଉଛନ୍ତି ଜଣାଇବାକୁ ମାନବାଧିକାର ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।

## କନିଷ୍ଠ କିରାଣୀରୁ ଓଜେଏସ୍ ହେଲେ ଶିଶିର କୁମାର ଭୋଇ



ସମ୍ବଲପୁର : ଦିନେ ଯେଉଁଠି କିରାଣୀ ଭାବେ କାମ କରୁଥିଲେ, ସେ ସେଇଠି ଏବେ ଜଜ୍ ହେବେ । ସେସନ୍ସ ଜଜ୍‌ଙ୍କ କୋର୍ଟରେ କିରାଣୀ ଭାବେ ନିଯୁକ୍ତି ପାଇଥିବା ଶିଶିର କୁମାର ଭୋଇ ଓଜେଏସ୍ ପାଇଛନ୍ତି । ସେ ତୃତୀୟ ଥରରେ ୪୮ ର୍‍ୟାଙ୍କ୍ ହାସଲ କରିଛନ୍ତି । ସମ୍ବଲପୁର ମହାନଗର ଅଞ୍ଚଳରେ ଥିବା ଭତରା ଗାଁର ଗଜରାଜ ଭୋଇ ଓ ଚନ୍ଦ୍ରକାନ୍ତି ଭୋଇଙ୍କ ପୁଅ ଶିଶିର ଭତରା ସରକାରୀ ବିଦ୍ୟାଳୟରେ ତାଙ୍କର ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ । ନୃସିଂହ ଗୁରୁ ଟାଉନ୍ ହାଇସ୍କୁଲରେ ଅଷ୍ଟମରୁ ଦଶମ ଓ ଜିଏମ୍ କଲେଜରେ ଯୁକ୍ତ ୨ ଓ ସ୍ନାତକ ଶେଷ କରିଥିଲେ । ଏହାପରେ ଲଜପତ ରାୟ ଆଇନ ମହାବିଦ୍ୟାଳୟରେ ଆଇନ ପାଠ୍ୟକ୍ରମ ସମାପ୍ତ କରିଥିଲେ । ହେଲେ ଆର୍ଥିକ ସମସ୍ୟା ପାଇଁ ବିଭିନ୍ନ ପଦବୀରେ ଆବେଦନ କରୁଥିଲେ । ପରେ ସେ ୨୦୧୮ରେ ବରଗଡ଼ ଜିଲ୍ଲା ସେସନ୍ସ ଜଜ୍‌ଙ୍କ କୋର୍ଟରେ କନିଷ୍ଠ କିରାଣୀ ଭାବେ ନିଯୁକ୍ତି ପାଇଥିଲେ । ତଥାପି ନିଜର ପରିଶ୍ରମ ଜାରି ରଖିଥିଲେ । ଆଶା ଥିଲା ଓଜେଏସ୍‌ରେ ସଫଳତା ହାସଲ କରିବା । ଏଥିପାଇଁ ନିୟମିତ ପଢ଼ା ଜାରି ରଖିଥିଲେ । ଏବେ ଶେଷରେ ସେ ଏହି ସଫଳତା ପାଇଛନ୍ତି ।

## ଅର୍ପିତା ଦାଶ ଭୋକାଲ ମ୍ୟୁଜିକ୍ କ୍ଲାସିକାଲରେ ପ୍ରଥମ

ବରଗଡ଼ : ନିକଟରେ ବରଗଡ଼ରେ ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଓ ବରଗଡ଼ ଜିଲ୍ଲାକୁ ନେଇ ଗଠିତ



ଜୋନ ସ୍ତରୀୟ କଳା ଉତ୍ସବରେ ଭୋକାଲ ମ୍ୟୁଜିକ୍ କ୍ଲାସିକାଲ ବାଳିକା ବିଭାଗରେ ବରଗଡ଼ର ବିକାଶ ସ୍କୁଲର ଛାତ୍ରୀ ଅର୍ପିତା ଦାଶ ପ୍ରଥମ ହୋଇଛନ୍ତି । ଫଳରେ ସେ ରାଜ୍ୟ ସ୍ତରୀୟ କଳା ଉତ୍ସବରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ଅର୍ପିତା ହେଉଛନ୍ତି ବରଗଡ଼ ବାସିନ୍ଦା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଗଣେଶ ପ୍ରସାଦ ଦାଶ ଓ ଅନୁରାଧାଙ୍କ ନାତୁଣୀ ତଥା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଏକାଡେମିକ୍ କନସଲଟେଣ୍ଟ ଆଶୀଷ ଦାଶ ଓ ସ୍ୱର୍ଣ୍ଣମାଳାଙ୍କ ପୁତ୍ରୀ ।

## ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ପ୍ରତିଷ୍ଠା ଦିବସ

ସମ୍ବଲପୁର : ଆମ ସଂସ୍କୃତି ହେଉଛି ସବୁଠାରୁ ପୁରୁଣା ସଂସ୍କୃତି ଏହି କ୍ରମରେ ସଂକୀର୍ତ୍ତନ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ସବୁ ସ୍ତରରେ ଉଦ୍ୟମ କରାଯିବାକୁ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝୀ ଆହ୍ୱାନ ଦେଇଛନ୍ତି ।

ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ଦ୍ୱାଦଶ ତମ ପ୍ରତିଷ୍ଠା ଦିବସ ଅବସରରେ ମାନେଶ୍ୱର ବ୍ଲକ ନୂଆଁଗାଁ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପ୍ରଫେସର ମାଝୀ ସଂକୀର୍ତ୍ତନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।





ପରିଷଦରର ସଭାପତି ଶ୍ରୀ ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତ ତଥା ଶ୍ରୀ ସନ୍ତୋଷ ବାରିକଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ବରଗାଁ ସ୍ଥିତ ନିଗମା ନନ୍ଦ ଆଶ୍ରମର ସ୍ୱାମୀ ଗମ୍ଭୀରାନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କୀର୍ତ୍ତନ ମାଧମରେ ଆଧାତ୍ମିକ ପରିବେଶ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । ମୁରା ସ୍ଥିତ ଡିପିଏ ମହାବିଦ୍ୟାଳୟର ଅଧାପକ ଯତୀନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ରୂପେ ଯୋଗ ଦେଇ କୀର୍ତ୍ତନର ଉତ୍ପତ୍ତି ଓ ପରମ୍ପରା ଉପରେ ଆଲୋଚନା କରିଥିଲେ । ପରିଷଦର ସଂପାଦକ ଶ୍ରୀ ଲୋକନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଭାରୀ ଶ୍ରୀ ରାଧେକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପରିଷଦର 'ନିୟମାବଳୀ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ରାତିରେ ଗଣ୍ଡିଆପାଲି ଗାୟକ ରାଜେନ୍ଦ୍ର ବେହେରା ଓ ସାତସମା ଗାୟକ ବାସୁଦେବ ଷଡ଼ଙ୍ଗୀଙ୍କ ଦଳ ମଧରେ ବୈଠକୀ କୀର୍ତ୍ତନ ପରିବେଷଣ ହୋଇଥିଲା । ଶ୍ରୀ ଦୁର୍ଯ୍ୟୋଧନ ଛନ୍ଦ ଓ ଶ୍ରୀ ସୂର୍ଯ୍ୟ ପାଢ଼ୀ ଏହା ପରିଚାଳନା କରିଥିଲେ ।

ଉକ୍ତ ଦିନ ସକାଳେ ପରିଷଦର ସାଙ୍ଗଠନିକ ଆଲୋଚନା ହୋଇଥିଲା । ଏଥିରେ କଳାକାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଅଧିକରୁ ଅଧିକ ସଂଖ୍ୟାରେ କଳାକାର ପରିଷଦ ରେ ନାମ ପଞ୍ଜିକରଣ କରି କଳାକାର ଭତ୍ତା ପ୍ରାପ୍ୟ ସୁଯୋଗ ପାଇବେ ସେ ଦିଗରେ ଉଦ୍ୟମ ଜାରି ରଖିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ସଂକୀର୍ତ୍ତନ୍ୟ କଳାକାର ଏଥିରେ ଯୋଗ ଦେଇଥିଲେ ।

## ହେମନ୍ତ ମହାପାତ୍ର ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ସଭାପତି ଭାବେ ପୁନଃ ନିର୍ବାଚିତ

ସମ୍ବଲପୁର : ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ସଭାପତି ଭାବେ ପୁନଃ



ନିର୍ବାଚିତ ହୋଇଛନ୍ତି ଓ ଧମା ସ୍ଥିତ ପରିଷଦର ମୁଖ୍ୟାଳୟରେ ଅନୁଷ୍ଠିତ ନିର୍ବାଚନରେ ଶ୍ରୀ ମହାପାତ୍ରଙ୍କୁ ସର୍ବସମ୍ମତି କ୍ରମେ ଆସନ୍ତା ତିନି ବର୍ଷ ପାଇଁ ନିର୍ବାଚିତ କରାଯାଇଛି ଓ ସେହିପରି ଲୋକନାଥ ମିଶ୍ର ଓ ରାଧାକାନ୍ତ ପାଣିଗ୍ରାହୀ ଯଥାକ୍ରମେ ସମ୍ପାଦକ ଓ କୋଷାଧ୍ୟକ୍ଷ ରୂପେ ପୁନଃ ନିର୍ବାଚିତ ହୋଇଥିବା ବେଳେ ଅବସରପ୍ରାପ୍ତ ଆୟକର ଅଧିକାରୀ ରାଧାକାନ୍ତ ସେଠ ଉପସଭାପତି ଓ ମାନଭଞ୍ଜନ ନାୟକଙ୍କୁ ସହ ସମ୍ପାଦକ ଭାବେ ନିର୍ବାଚିତ କରାଯାଇଛି ଓ ସୂଚନାଯୋଗ୍ୟ, ପଶ୍ଚିମ ଓଡ଼ିଶାର ୧୧ଟି ଜିଲ୍ଲାର ୧୬୦୦୦ କଳାକାର ଏହି ପରିଷଦର ପଞ୍ଜିକୃତ ସଦସ୍ୟ ଅଛନ୍ତି ।

## ଏ ସଂଖ୍ୟାରେ..



ମାସ ଶ୍ରେଷ୍ଠ ମାର୍ଗଶିର



ଔଷଧୀୟ ସୋରିଷ ତେଲ



ଥାଇରଏଡ୍ ପାଇଁ ଉପକାରୀ ଭିଟାମିନ୍ 'ଇ'



ସ୍ୱାସ୍ଥ୍ୟପ୍ରଦ ଲେମ୍ବୁପାଣି



ଶୀତକୁ ହିତ ମେଥି ଶାଗ



ଗେଣ୍ଡୁଫୁଲର ଉପକାରିତା

# ଓଡ଼ିଶାର ସମ୍ବାଦପତ୍ରର ପ୍ରକାଶନ ଧାରା

## ନଭେମ୍ବର ୧୬ ଜାତୀୟ ପ୍ରେସ ଦିବସ ଉପଲକ୍ଷେ



**ରବି ରଥ**
ସମ୍ପାଦକ 'ନବୀନ'

ଓଡ଼ିଶାରେ ପ୍ରଥମେ ୧୮୬୬ ମସିହାରେ ଆନୁଷ୍ଠାନିକ ଭାବେ 'ଉତ୍କଳ ଦୀପିକା' ନାମରେ ଏକ ଓଡ଼ିଆ ସମ୍ବାଦପତ୍ର ପ୍ରକାଶ ପାଇଥିଲା । ସେଇ ବର୍ଷଟି ଥିଲା ଓଡ଼ିଶା ପାଇଁ ଏକ ଦୁଃଖଦ ବର୍ଷ । ସେତେବେଳେ ଓଡ଼ିଶା ବୋଲି କୌଣସି ସ୍ୱତନ୍ତ୍ର ରାଜ୍ୟ ବା ପ୍ରଦେଶ ନଥିଲା । ଓଡ଼ିଶା କହିଲେ କେବଳ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାକୁ ନେଇ ଗଠିତ ଓଡ଼ିଶା ଡିଭିଜନକୁ ବୁଝାଉଥିଲା । ସମ୍ବଲପୁର ଜିଲ୍ଲା ତତ୍କାଳୀନ 'ସେଣ୍ଟ୍ରାଲ ପ୍ରଭିନ୍ସ'ର ଅନ୍ତର୍ଭୁକ୍ତ ଥିଲାବେଳେ ଗଂଜାମ ଜିଲ୍ଲା ମାଡ୍ରାସ୍ ପ୍ରେସିଡେନ୍ସି ଅଧୀନରେ ରହିଥିଲା । ଓଡ଼ିଆ ଭାଷାଭାଷୀମାନେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ଭାରତବର୍ଷର ବିଭିନ୍ନ ସ୍ଥାନରେ ସଂଖ୍ୟାଲଘୁ ବାସିନ୍ଦା ଭାବରେ ବସବାସ କରୁଥିଲେ । ସେମାନଙ୍କୁ ଏକାଠି କରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମିତ୍ତ କୌଣସି ଉଦ୍ୟମ ସେ ପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନଥିଲା । ୧୮୬୬ ମସିହାରେ ଘଟିଥିବା 'ନ'ଅଙ୍କ ଦୁର୍ଭିକ୍ଷ'ରେ ପ୍ରାୟ ଦଶଲକ୍ଷ ଲୋକ ପ୍ରାଣ ହରାଇଥିବା କଥା ଏକ ଆକଳନରୁ ଜଣାପଡ଼ିଥିଲା ।

ଉତ୍କଳ ଦୀପିକା ପ୍ରକାଶନର ପୃଷ୍ଠଭୂମି ସମ୍ପର୍କରେ ଜଣାପଡ଼େ ଯେ, ସେତେବେଳର କମିଶନର ଥିବା ଇଂରେଜ ସାହେବ ଟି.ଇ. ରେଭେନ୍ସା, ତାଙ୍କ ଶିରସ୍ତାଦାର ବିଚିତ୍ରାନନ୍ଦ ଦାସଙ୍କୁ ଗୋଟିଏ ପ୍ରେସ୍ ବସାଇବାକୁ ଉତ୍ସାହିତ କରିଥିଲେ । ରେଭେନ୍ସା ସାହେବଙ୍କ ପ୍ରେରଣାରେ କଟକ ସହରରେ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରତିଷ୍ଠା କରାଯାଇ ସେଠାରେ ଉତ୍କଳ ଦୀପିକା ଛପା ଯାଉଥିଲା । ଉତ୍କଳଦୀପିକା ଦୀର୍ଘ ୭୦ ବର୍ଷ କାଳ ବଞ୍ଚି ରହିଥିଲା । ଏହି ସମୟ ମଧ୍ୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ତଥା ଓଡ଼ିଶାର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସ୍ଥିତିର ନିଖୁଣ ଚିତ୍ର ପ୍ରଦାନ କରି ଏହି ସମ୍ବାଦପତ୍ର ନିଜ ନାମର ସାର୍ଥକତା ପ୍ରମାଣ କରିଥିଲା । ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ଉତ୍କଳ ଦୀପିକା ସହିତ ଉତ୍କଳ ଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର, କବିବର ରାଧାନାଥ ରାୟ ପ୍ରମୁଖ ବିଭିନ୍ନ ଭାବରେ ସଂପୃକ୍ତ ଥିଲେ । ଉତ୍କଳ ଦୀପିକା ପ୍ରକାଶ ପାଇବା ପୂର୍ବରୁ ୧୮୩୭ ମସିହାରେ ଖ୍ରୀଷ୍ଟିଆନ୍ ମିଶନାରୀମାନେ କଟକଠାରେ 'କଟକ ମିଶନ୍ ପ୍ରେସ୍' ନାମରେ ଗୋଟିଏ ପ୍ରେସ୍ ସ୍ଥାପନା କରିଥିଲେ । ମୁଖ୍ୟତଃ ଧର୍ମପ୍ରଚାର ଉଦ୍ଦେଶ୍ୟରେ ଏହା ପ୍ରତିଷ୍ଠା କରାଯାଇଥିଲା । ବଙ୍ଗଳାର ଶ୍ରୀରାମପୁରରୁ ଓଡ଼ିଆ ଅକ୍ଷର ଆଣି ରେଭରେଣ୍ଡ ଲେସିଙ୍କ ସମ୍ପାଦନାରେ ସେ ହାତଚାଳିତ ମେସିନ୍‌ରୁ ୧୮୪୯ ମସିହାରେ ପ୍ରଥମ ଓଡ଼ିଆ ପତ୍ରିକା 'ଜ୍ଞାନାରୁଣ' ସେଠାରୁ ପ୍ରକାଶ ପାଇଥିଲା । ମାତ୍ର ଅଳ୍ପଦିନ ପରେ ତାହା ବନ୍ଦ ହୋଇଯାଇଥିଲା । ଏହାର ସାତବର୍ଷ ପରେ ୧୮୫୬ ମସିହାରେ ସେଠାରେ 'ପ୍ରବୋଧ ଚନ୍ଦ୍ରିକା' ଓ ୧୮୬୧ ମସିହାରେ 'ଅରୁଣୋଦୟ' ନାମରେ ଦୁଇଟି ପତ୍ରିକା ମିଶନାରୀମାନେ ପ୍ରକାଶ କରିଥିଲେ । ଏ ଦୁଇଟି ପତ୍ରିକାରେ ଧର୍ମ ସମ୍ପର୍କୀୟ ବିଷୟବସ୍ତୁ ସହିତ ଇଂରେଜ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ଜନସାଧାରଣଙ୍କ ସାଧାରଣ ସମସ୍ୟା ସଂପର୍କରେ ଲେଖାମାନ ପ୍ରକାଶ ପାଉଥିଲା ।

ମିଶନାରୀମାନଙ୍କର ଏପରି ଉଦ୍ୟମର ବହୁ ପୂର୍ବରୁ ମରହଟ୍ଟା ଶାସନ ସମୟରୁ ଓଡ଼ିଆ ଭାଷାରେ ଯେଉଁ କେତେକ ହାତଲେଖା ପତ୍ରିକା ପ୍ରକାଶ ପାଉଥିଲା, ସେଥିମଧ୍ୟରୁ 'କୁଜୀବରପତ୍ର' ଅନ୍ୟତମ । କଟକ ଜିଲ୍ଲାର ଚୌଦ୍ୱାର ନିକଟବର୍ତ୍ତୀ କୁଜୀବର ଗ୍ରାମର ମହନ୍ତ ସାଧୁସୁନ୍ଦର ଦାସ ଏହି ପତ୍ରିକା ପ୍ରକାଶ କରିଥିଲେ । ତାଳପତ୍ର ଓ କାଗଜରେ ହାତରେ ସୁନ୍ଦର ଅକ୍ଷରରେ ପ୍ରକାଶ ପାଉଥିବା ଏହି ପତ୍ରିକା ବହୁ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା । ସେ ସମୟରେ କୁଜୀବରପତ୍ର ବେଶ୍ ପ୍ରଭାବଶାଳୀ ଥିଲା । ଏଥିରେ ମୁଖ୍ୟତଃ ଧର୍ମ, ସାହିତ୍ୟ, ନୃତ୍ୟ, ସଂଗୀତ ଓ ଶିକ୍ଷା ସମ୍ବନ୍ଧୀୟ ଆଲୋଚନା ସ୍ଥାନ ପାଉଥିଲା ଓ ଅନେକ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏହା ପଠାଯାଉଥିଲା । ସେତେବେଳେ ଇଂରାଜୀ କିମ୍ବା ଓଡ଼ିଆରେ ଅନ୍ୟ କୌଣସି ପତ୍ରପତ୍ରିକା ପ୍ରକାଶ ପାଉନଥିବାରୁ କୁଜୀବରପତ୍ର ରାଜା, ମହାରାଜା, ଜମିଦାରଙ୍କ ସମେତ ଯୁବ ସମାଜକୁ ବିଶେଷ ଆକୃଷ୍ଟ କରୁଥିଲା । ଇଂରେଜ ସରକାରଙ୍କ ସମ୍ପର୍କରେ ସମାଲୋଚନାମୂଳକ କେତେକ ତଥ୍ୟ ଏଥିରେ ପ୍ରକାଶ ପାଇଥିବା ଯୋଗୁଁ ପତ୍ରିକାର ସଂପାଦକ ସାଧୁସୁନ୍ଦର ଦାସଙ୍କୁ ଜେଲଦଣ୍ଡ ଭୋଗିବାକୁ ପଡ଼ିଥିଲା । ସେ ସମୟରେ ଓଡ଼ିଶାରେ ପ୍ରକାଶ ପାଉଥିବା ସମ୍ବାଦପତ୍ରଗୁଡ଼ିକର ମୁଖ୍ୟତଃ ଚାରୋଟି ମୁଖ୍ୟ ଲକ୍ଷ୍ୟ ଥିଲା । ସେଗୁଡ଼ିକ ହେଲା ୧. ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା, ୨. ଓଡ଼ିଆ ଭାଷାଭାଷୀମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରି ନୂତନ ଓଡ଼ିଶା ପ୍ରଦେଶ ଗଠନ ପ୍ରକ୍ରିୟାରେ ସହଯୋଗ, ୩. ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରଚାର କରିବା ଓ ୪. ସ୍ୱାଧୀନତା ପରବର୍ତ୍ତୀ ସମୟରେ ବିକାଶର ଧାରାକୁ ଲୋକଙ୍କ ପାଖରେ ପହଞ୍ଚାଇବା ।

ସେହି ସମୟରେ ୧୮୭୧ ମସିହାରେ 'କଟକ କ୍ରାନିକାଲ', ୧୮୭୩-୭୪ରେ 'ଉତ୍କଳ ଦର୍ପଣ', 'ଉତ୍କଳପତ୍ର ବିଦେଶୀ', 'ଶିକ୍ଷକ', 'ଧର୍ମବୋଧିନୀ', 'ଉତ୍କଳ ସଂସ୍କାରକ' ଓ 'ଚନ୍ଦ୍ରିକା', ୧୮୭୭ରେ 'ଉତ୍କଳ ମଧୁପ', 'ସ୍ୱଦେଶୀ', 'ବାର୍ତ୍ତା ଲହରୀ', ୧୮୮୦ରେ 'କୋହିନୂର' ଓ 'ପୁରୁଷୋତ୍ତମ', ୧୮୮୧ରେ 'ମୟୂରଭଞ୍ଜ ଦୋଭାଷୀ ପତ୍ରିକା', ୧୮୮୨ରେ 'ପ୍ରଜାବନ୍ଧୁ', ୧୮୮୩-୮୪ରେ 'ଧୂମକେତୁ', 'ସେବକ', 'ସଂସ୍କାରକ' ଓ 'ତାରକା', ୧୮୮୫ରେ 'ପ୍ରଦୀପ', 'ଶିକ୍ଷାବନ୍ଧୁ', ଓ 'ହରିଭକ୍ତି', ୧୮୮୬ରେ 'ଓଡ଼ିଶା ଷ୍ଟୁଡେଣ୍ଟସ୍' (ଇଂରାଜୀ) ଓ 'ନବଭାରତ', ୧୮୮୭ରେ 'ଓଡ଼ିଆ', 'ସାମ୍ୟବାଦ' ଓ 'ଉତ୍କଳ ସେବକ', ୧୮୮୮ରେ 'ଓଡ଼ିଆ ପେଟ୍ରିଅଟ', ୧୮୮୯ରେ 'ଦୀପକ' ଓ 'ସମ୍ବଲପୁର ହିତୈଷିଣୀ', ୧୮୯୧ରେ 'ଉତ୍କଳ ପ୍ରଭା', ୧୮୯୨ରେ 'ଆଶା', ୧୮୯୩ରେ 'ଇନ୍ଦ୍ରଧନୁ', 'ବିଜୁଳି' ଓ 'ଭକ୍ତିତତ୍ତ୍ୱ', ୧୮୯୪ରେ 'ଉତ୍କଳ ଚିକିତ୍ସକ', ଓ 'ବ୍ରହ୍ମ', ୧୮୯୬ରେ 'ଉତ୍କଳବନ୍ଧୁ', 'ପ୍ରଭାତିତାରା' ଓ 'ଗଂଜାମ ନିଉଜ୍' (ଇଂରାଜୀ), ୧୮୯୭ରେ 'ଉତ୍କଳ ସାହିତ୍ୟ', ୧୮୯୯ରେ 'ଗଂଜାମ ହିତବାଦିନୀ', ୧୯୦୦ରେ 'ଆଲୋଚନା', ୧୯୦୩ରେ 'ନୀଳାଚଳ ସମାଚାର', ୧୯୦୫ରେ 'ମୁକୁର', ୧୯୦୯ରେ 'ଷ୍ଟାର୍ ଅଫ୍ ଉତ୍କଳ' ଓ ୧୯୧୦ରେ 'ଦି ଓଡ଼ିଆ' (ଇଂରାଜୀ) ପ୍ରକାଶ ପାଇଥିଲା ।

ଏହାର ପରବର୍ତ୍ତୀ ସମୟରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତାବହ ଭାବରେ ଉତ୍କଳମଣି ଗୋପବନ୍ଧୁ ଦାସ ପ୍ରଥମେ ସାପ୍ତାହିକ ପତ୍ରିକା ଭାବରେ 'ସମାଜ' ପ୍ରକାଶ କରିଥିଲେ । ପ୍ରଥମେ ସତ୍ୟବାଦୀ ଏବଂ ପୁରୀରୁ ଏହା ପ୍ରକାଶିତ ହୋଇ ପରେ ଏହା କଟକକୁ ସ୍ଥାନାନ୍ତରିତ ହୋଇଥିଲା । କଟକ ସହରର ନିମ୍ଚଉଡ଼ି ଅଞ୍ଚଳରୁ ଏହା ପ୍ରକାଶ ପାଉଥିଲା । ପ୍ରତିଷ୍ଠାତା ଗୋପବନ୍ଧୁ ଏହାର ସମ୍ପାଦକ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଲିଙ୍ଗରାଜ ମିଶ୍ର, ଗୋଦାବରୀଶ ମିଶ୍ର, ଆଚାର୍ଯ୍ୟ ହରିହର ଦାସ ପ୍ରମୁଖ ଏହାର ସମ୍ପାଦନା କରୁଥିଲେ । ୧୯୧୯ ମସିହାରେ ଗୋପବନ୍ଧୁଙ୍କ ପରାମର୍ଶକ୍ରମେ ସରକାରୀ ଚାକିରିରୁ ଇସ୍ତଫା ଦେଇ ରାଧାନାଥ ରଥ ଏହାର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ ଓ ପରବର୍ତ୍ତୀ ସମୟରେ 'ସମାଜ'ର ସମ୍ପାଦକ ହୋଇ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କର୍ତ୍ତବ୍ୟ ନିର୍ବାହ କରିଥିଲେ । ୧୯୩୦ ମସିହା ଅପ୍ରେଲ ୬ ତାରିଖରୁ ସମାଜର ଦୈନିକ ସଂସ୍କରଣ ପ୍ରକାଶ ପାଇଲା । ଦୈନିକ ସମାଜ ପ୍ରକାଶ ପାଇବା ପୂର୍ବରୁ ୧୯୨୮ ମସିହାରେ ଶଶିଭୂଷଣ ରଥଙ୍କ ସମ୍ପାଦନାରେ ଦୈନିକ 'ଆଶା' ଆତ୍ମପ୍ରକାଶ କରିଥିଲା । ଓଡ଼ିଶାରେ ମୁଦ୍ରଣ ହୋଇଥିବା ଦୈନିକ ସମ୍ବାଦପତ୍ର ମଧ୍ୟରେ 'ଆଶା'କୁ ପ୍ରଥମ ଦୈନିକ ଭାବରେ ବିଚାର କରାଯାଏ । ଦୈନିକ ଭାବରେ ପ୍ରକାଶ ପାଇବା ପୂର୍ବରୁ ୧୯୧୩ ମସିହାରେ ଏହା ସାପ୍ତାହିକ ଭାବରେ ପ୍ରକାଶିତ ହୋଇଥିଲା । ଓଡ଼ିଶାର ବିଶିଷ୍ଟ ଜନନାୟକ ଡକ୍ଟର ହରେକୃଷ୍ଣ ମହତାବ ୧୯୨୩ ମସିହାରେ ସାପ୍ତାହିକ 'ପ୍ରଜାତନ୍ତ୍ର' ପତ୍ରିକା ପ୍ରକାଶ କରିଥିଲେ । ପ୍ରଥମେ ଏହା କଟକରେ ବ୍ରଜସୁନ୍ଦର ଦାସଙ୍କ ମୁକୁର ପ୍ରେସ୍‌ରେ ଛପା ଯାଉଥିଲା । ଜାତୀୟ କବି ବୀରକିଶୋର ଦାସ ଏହାର ମୁଦ୍ରାକର ଓ ପ୍ରକାଶକ ଥିଲେ । ୧୯୩୦ ମସିହାରେ ଅଳ୍ପ ସମୟ ପାଇଁ ପ୍ରଜାତନ୍ତ୍ର ଦୈନିକ ଆକାରରେ ପ୍ରକାଶ ପାଇଥିଲା । ମାତ୍ର ଡକ୍ଟର ମହତାବ ଇଂରେଜ ସରକାରଙ୍କ ବିରୋଧୀ ରାଜନୈତିକ କାର୍ଯ୍ୟକଳାପରେ ଲିପ୍ତ ଥିବା ଯୋଗୁଁ ସରକାରୀ କୋପଦୃଷ୍ଟିରୁ ଏହା ବନ୍ଦ ହୋଇଯାଇଥିଲା । ଦେଶ ସ୍ୱାଧୀନତା ପାଇବାର ଏକ ସପ୍ତାହ ପୂର୍ବରୁ ୧୯୪୭ ମସିହା ଅଗଷ୍ଟ ୮ ତାରିଖରୁ ପ୍ରଜାତନ୍ତ୍ର ନିୟମିତ ଭାବରେ ପ୍ରକାଶ ପାଇଲା । ଡକ୍ଟର ମହତାବ ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ଏହାର ସମ୍ପାଦକ ରହିଥିଲେ । ମହୁରୀ ରାଜା କୃପାସିନ୍ଧୁ ନରେନ୍ଦ୍ରଦେବଙ୍କ ଉଦ୍ୟମରେ ତିନୋଟି ପତ୍ରିକା ମଧ୍ୟରୁ ପ୍ରଭାତ (ଦୈନିକ), ଶିଶିର (ମାସିକ) ଏବଂ ନବୀନ (ସାପ୍ତାହିକ) ଭାବେ ପ୍ରକାଶ ପାଉଥିଲା । କିଛିଦିନ ପରେ ପ୍ରଭାତ ଓ ଶିଶିରର ପ୍ରକାଶନ ବନ୍ଦ ହୋଇଯାଇଥିଲା । ତେବେ ନବୀନ ୧୯୩୦ରୁ ଅଦ୍ୟାବଧି ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇ ୯୩ ବର୍ଷରେ ପଦାର୍ପଣ କରିଛି । ସଂପ୍ରତି ରବିରଥଙ୍କ ସଂପାଦନାରେ ଏହା ପ୍ରକାଶ ପାଇ ଆସୁଛି । ୧୯୬୧ ମସିହାରେ ବିଜୁ ପଟ୍ଟନାୟକ ଓଡ଼ିଶାର ଶାସନଭାର ହାତକୁ ନେବା ପରେ 'କଳିଙ୍ଗ' ନାମରେ ଏକ ଦୈନିକ ସମ୍ବାଦପତ୍ର ପ୍ରକାଶ କରିଥିଲେ । ବିଶିଷ୍ଟ ସମାଜବାଦୀ ନେତା ମନମୋହନ ମିଶ୍ର ଏହାର ପ୍ରଥମ ସମ୍ପାଦକ ଥିଲେ ଓ ପରେ ପରେ ସୁରେନ୍ଦ୍ର ମହାନ୍ତି ଏହାର ସମ୍ପାଦନା ଦାୟିତ୍ୱ ନେଇଥିଲେ । ଏହା ଦୀର୍ଘ ୧୧ ବର୍ଷ ଧରି ପ୍ରକାଶ ପାଇଥିଲା ।

ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ର ଜନକଲ୍ୟାଣ ପବ୍ଲିକେଶନ୍ ଗଠନ କରି ୧୯୬୬ ମସିହା ଅପ୍ରେଲ ୧୪ ତାରିଖରେ 'ଜନଶକ୍ତି' ନାମରେ ଏକ ଦୈନିକ ସମ୍ବାଦପତ୍ର ପ୍ରକାଶ କରିଥିଲେ । ଓଡ଼ିଶା ବିଧାନସଭାର ତତ୍କାଳୀନ ଉପବାଚସ୍ପତି ଲୋକନାଥ ମିଶ୍ର ଏହାର ପ୍ରଥମ ସମ୍ପାଦକ ଥିଲେ । ୧୯୬୭ ମସିହାରେ ଓଡ଼ିଶାରେ ସ୍ୱତନ୍ତ୍ର -ଜନକଂଗ୍ରେସ ସରକାର କ୍ଷମତାସୀନ ହେବା ପରେ ରାଜନୈତିକ କାରଣରୁ ଜନଶକ୍ତିର ସରକାରୀ ବିଜ୍ଞାପନକୁ ବନ୍ଦ କରିଦେବାରୁ ଏହାର ଅକାଳ ମୃତ୍ୟୁ ଘଟିଥିଲା ।

୧୯୭୨ ମସିହାରେ ନନ୍ଦିନୀ ଶତପଥୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କ ପିତା ବିଶିଷ୍ଟ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଗଠିତ ସମାଜବାଦୀ ସୋସାଇଟି ଆନୁକୂଲ୍ୟରେ ୧୯୭୪ ମସିହା ନଭେମ୍ବର ୨୪ ତାରିଖରେ ଦୈନିକ 'ଧରିତ୍ରୀ' ଆତ୍ମପ୍ରକାଶ କଲା । ପ୍ରଥମେ ରାମନାଥ ପଣ୍ଡା ଏହାର ସମ୍ପାଦକ ହୋଇଥିଲେ । ସମ୍ପ୍ରତି ଶ୍ରୀମତୀ ଶତପଥୀଙ୍କ ପୁତ୍ର ତଥାଗତ ଶତପଥୀ ଏହାର ସମ୍ପାଦକ ରହିଛନ୍ତି । ଏହି ସମୟରେ ଗଣତନ୍ତ୍ର ପରିଷଦ ପକ୍ଷରୁ 'ଗଣତନ୍ତ୍ର' ନାମରେ ଏକ ଦୈନିକ ସମ୍ବାଦପତ୍ର ପ୍ରକାଶ ପାଇଥିଲା ଓ ଏହାର ପ୍ରତିଷ୍ଠାତା ରାଜେନ୍ଦ୍ର ନାରାୟଣ ସିଂହଦେଓ, ପରେ ଏହା 'ସ୍ୱରାଜ୍ୟ'ରେ ରୂପାନ୍ତରିତ ହୋଇଥିଲା । ଏହାପୂର୍ବରୁ ୧୯୫୧ ମସିହାରେ ବାଳକୃଷ୍ଣ କରଙ୍କ ସମ୍ପାଦନାରେ ଦୈନିକ 'ମାତୃଭୂମି' ପ୍ରକାଶ ପାଇଥିଲା । ତାଙ୍କ ବିୟୋଗ ପରେ ଗୌରଚନ୍ଦ୍ର ରାଉତ ଓ ତାଙ୍କ ପୁତ୍ର ବିଚିତ୍ରାନନ୍ଦ କର ମାତୃଭୂମିର ସମ୍ପାଦନା ଦାୟିତ୍ୱ ଗ୍ରହଣ କରିଥିଲେ । କିଛିଦିନ ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଭୁଧେନ୍ଦ୍ର ମିଶ୍ର ଏହାର ସମ୍ପାଦକ ହୋଇଥିଲେ । କେତେକ କାରଣ ଯୋଗୁଁ ମାତୃଭୂମିର ପ୍ରକାଶନ ବନ୍ଦ ହୋଇଯାଇଥିଲା ।

୧୯୮୦ ମସିହାରେ ଓଡ଼ିଶାର ସମ୍ବାଦପତ୍ର ଇତିହାସରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଲା । ସାମ୍ବାଦିକତାରୁ ରାଜନୀତିକୁ ଆସି ମୁଖ୍ୟମନ୍ତ୍ରୀ ହୋଇଥିବା ଜାନକୀ ବଲ୍ଲଭ ପଟ୍ଟନାୟକ, ସମ୍ବାଦପତ୍ରକୁ ଏକ ଶିଳ୍ପର ମାନ୍ୟତା ଦେଲେ । ଏହାଫଳରେ ସମ୍ବାଦପତ୍ର ପ୍ରକାଶ ନିମିତ୍ତ ଜମି, ଗୃହ, ଆନୁଷଙ୍ଗିକ ଋଣ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହେଲା । ଦୀର୍ଘଦିନରୁ ବନ୍ଦ ହୋଇଥିବା ଶଶିଭୂଷଣ ରଥଙ୍କ ଆଶା 'ଦୈନିକଆଶା' ଭାବେ ୧୯୮୨ ଫେବୃଆରୀ ୧୦ ତାରିଖରେ ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ଦ୍ୱାରା ପୁନଃ ପ୍ରକାଶ ପାଇଲା । ଏହାର ସୁଯୋଗ ନେଇ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଅନେକ ସମ୍ବାଦପତ୍ର ପ୍ରକାଶ ପାଇଲା । ଇଷ୍ଟର୍ଣ୍ଣ ମିଡ଼ିଆ ଲିମିଟେଡ୍ ଆନୁକୂଲ୍ୟରେ ୧୯୮୪ ମସିହା ଅକ୍ଟୋବର ୪ ତାରିଖ, ବିଜୟା ଦଶମୀ ଦିନ ଆତ୍ମପ୍ରକାଶ କଲା ଦୈନିକ 'ସମ୍ବାଦ' । ପ୍ରଭାତୀ ସଂସ୍କରଣ ପ୍ରକାଶନରେ ଇଷ୍ଟର୍ଣ୍ଣ ମିଡ଼ିଆ ଏକ ଅଗ୍ରଣୀ ଭୂମିକା ଗ୍ରହଣ କଲା । ବିଶିଷ୍ଟ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ସମ୍ବାଦର ପ୍ରଥମ ସମ୍ପାଦକ ଥିଲେ । ପରେ ସୌମ୍ୟରଞ୍ଜନ ପଟ୍ଟନାୟକ ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଛନ୍ତି ।

ଅଶୀ ଦଶନ୍ଧିରେ ସକ୍ରିୟ ରାଜନୀତିରେ ଯୋଗ ଦେଇଥିବା ଓ ପରବର୍ତ୍ତୀ ସମୟରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ହୋଇଥିବା ବସନ୍ତ କୁମାର ବିଶ୍ୱାଳ ନବେ ଦଶନ୍ଧିରେ ଏକ ଦୈନିକ ସମ୍ବାଦପତ୍ର ପ୍ରକାଶ ନିମନ୍ତେ ଇଚ୍ଛା ପ୍ରକାଶ କରି ୧୯୯୬ ମସିହା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଦିନ ତାକୁ କାର୍ଯ୍ୟକାରୀ କଲେ । ଆଶୀର୍ବାଦ ପବ୍ଲିକେଶନ୍ ପକ୍ଷରୁ ସେଦିନ ଦୈନିକ ସମ୍ବାଦପତ୍ର 'ସମୟ' ଜନ୍ମଲାଭ କଲା । ବିଶିଷ୍ଟ ପ୍ରଶାସକ ଓ ଲବ୍ଧପ୍ରତିଷ୍ଠ ସାହିତ୍ୟିକ ସାତକଡ଼ି ହୋତା ଏହାର ମୁଖ୍ୟ ସମ୍ପାଦକ ରହିଛନ୍ତି ।

ତରୁଣ ତୁର୍କ ନେତା ଭାବରେ ପରିଚିତ ଥିବା ପ୍ରଦ୍ୟୁମ୍ନ ବଳ ୧୯୭୨ ମସିହାରେ ଝାଞ୍ଜିରିମଙ୍ଗଳା କଟକରୁ 'ପ୍ରଗତିବାଦୀ' ନାମରେ ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶ କରିଥିଲେ ଓ ପରବର୍ତ୍ତୀ ସମୟରେ ଏହା ଦୈନିକରେ ପରିଣତ ହୋଇଥିଲା । ୧୯୭୯ ମସିହାରୁ ଏହା ରାଜଧାନୀ ଭୁବନେଶ୍ୱରରୁ ପ୍ରକାଶ ପାଇ ଆସୁଛି । ଶ୍ରୀ ବଳ ଏହାର ପ୍ରତିଷ୍ଠାତା ସମ୍ପାଦକ ରହିଥିବା ବେଳେ ସାମ୍ବାଦିକ ରବି ଦାସ ପରିଚାଳନା ସମ୍ପାଦକ ଥିଲେ । ପରେ ପ୍ରଗତିବାଦୀରୁ ଅଲଗା ହୋଇଯାଇ ୧୯୯୯ ମସିହାରୁ ଦୈନିକ 'ପର୍ଯ୍ୟବେକ୍ଷକ' ନାମରେ ଏକ ଦୈନିକ ସମ୍ବାଦପତ୍ର ପ୍ରକାଶ କରିଥିଲେ । ବ୍ରହ୍ମପୁର ସହରରୁ ୧୯୯୬ ମସିହାରେ ସ୍ୱର୍ଗତ କାଳି ଚରଣ ପଣ୍ଡାଙ୍କ ଉଦ୍ୟମରେ 'ଅନୁପମ ଭାରତ' ନାମରେ ଏକ ଦୈନିକ ସମ୍ବାଦପତ୍ର ଦୀର୍ଘଦିନ ହେଲା ପ୍ରକାଶିତ ହେଉଛି । ୨୦୧୦ରେ ସୁମା ରିଏଲ ମିଡିଆ ନାଁରେ ଦୈନିକ "ପ୍ରମେୟ', ୨୦୧୨ରେ ନିର୍ଭୟ ପବ୍ଲିକେସନ ନାମରେ ନବୀନ ଦାଶ ନାମରେ 'ନିର୍ଭୟ' ଓ ୧୫ ଅଗଷ୍ଟ ୨୦୧୫ରେ ଦୈନିକ ଏଜ ମିଡିଆ ଏଣ୍ଡ ପବ୍ଲିକେସନ ନାମରେ 'ନିତିଦିନ' ପ୍ରକାଶ ପାଇ ଆସୁଛି । ମସିହାରେ ରାଜ୍ୟ ସରକାରଙ୍କ ପୃଷ୍ଠପୋଷକତାରେ ସାପ୍ତାହିକ ସକାଳ ୨୦୨୦ରେ ଦୈନିକ ଆକାରରେ ପ୍ରକାଶିତ ହେଉଛି ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

# ମାସ ଶ୍ରେଷ୍ଠ ମାର୍ଗଶିର

**କା**ହାପାଇଁ ଧନର ମାସ ତ କାହା ପାଇଁ ସୁଖ ସମୃଦ୍ଧି ଆଉ କାହାପାଇଁ ପୁଣ୍ୟର ମାସ ମାର୍ଗଶିର । ବିଲ, ବାଡି ଚାରିଆଡେ ଶସ୍ୟରେ ପରିପୂର୍ଣ୍ଣ । ଚାଷୀ ମୁହଁରେ ହସ, ସୋରିଷ କ୍ଷେତର ଅପୂର୍ବ ଶୋଭା ଓ ଗେଣ୍ଡୁ ଫୁଲର ସମ୍ଭାର ଭିତରେ ସଜେଇ ହୋଇ ଆସେ ମାର୍ଗଶିର । ଏହି ମାସକୁ ବିଭଗବାନ ନିଜ ସ୍ୱରୂପ ବୋଲି କହିଛନ୍ତି ।

ଶ୍ରୀମଦ୍ ଭାଗବତ ଗୀତାର ୧୦ମ ଅଧ୍ୟାୟ ବିଭୂତି ଯୋଗ (ଶ୍ଳୋକ-୩୫)ରେ ଭଗବାନ ନିଜ ସ୍ୱରୂପ ବିଷୟରେ କହିଛନ୍ତି -

ବୃହତସାମ ତଥା ସାମାନାଂ ଗାୟତ୍ରୀ ଛନ୍ଦସାମହମ୍ ।

ମାସାନାମ୍ ମାର୍ଗଶିର୍ଷୋଽହମୃତୂନାମ୍ କୁସୁମାକରଃ ।





ଅର୍ଥାତ୍ ସାମବେଦର ସ୍ତୋତ୍ରମାନଙ୍କ ମଧ୍ୟରେ ମୁଁ ବୃହତ୍ ସାମ, ଛନ୍ଦ ରୂପି ମନ୍ତ୍ର ମଧ୍ୟରେ ଗାୟତ୍ରୀ, ମାସମାନଙ୍କ ମଧ୍ୟରେ ମାର୍ଗଶିର ଓ ଋତୁ ମଧ୍ୟରେ ବସନ୍ତ । ଏଣୁ କୁହାଯାଏ ମାସ ଭିତରେ ମାର୍ଗଶିର ଶ୍ରେଷ୍ଠ । ମାର୍ଗଶିରରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାସାର କହିଥିଲେ । ଏଣୁ ଏ ମାସରେ ଗୀତାର ଗୋଟିଏ ଅଧ୍ୟାୟ ପଢ଼ିବା ଓ ବୁଝିବା ଉଚିତ୍ । ଦେବତାମାନଙ୍କ ପାଇଁ ଏକ ବର୍ଷକୁ ଏକ ଦିନ ଗଣା ଯାଉଥିବା ବେଳେ ମାର୍ଗଶିର ହେଉଛି ଦିନର ବ୍ରାହ୍ମମୁହୂର୍ତ୍ତ । ଏହି ମୁହୂର୍ତ୍ତରେ ମାନବଲୋକରେ ଏହି ମାସରେ ଐଶ୍ୱରୀୟ ଗୁଣ ବୃଦ୍ଧି ପାଇଥାଏ । ତେଣୁ ଈଶ୍ୱର ପ୍ରାପ୍ତି ଲାଗି ଏହି ପ୍ରକୃଷ୍ଟ ସମୟ । କୃଷକ ତା'ର ପହିଲି ଧାନକୁ ଅମଳ କରି ମା' ଲକ୍ଷ୍ମୀଙ୍କୁ ଅର୍ପଣ କରିବା ଉଦ୍ଦେଶ୍ୟରେ ମାର୍ଗଶିର ମାସରେ ମାଣଓଷା ଗୁରୁବାର ପୂଜା କରିଥାଏ । ମହାଲକ୍ଷ୍ମୀଙ୍କ ଅପାର କରୁଣା ଯୋଗୁଁ ପ୍ରତିବର୍ଷ ତା'ର ଅମାର ଧନ ଓ ଧାନରେ ପୁରି ରହୁ ଏହା ହିଁ ପ୍ରାର୍ଥନା କରିଥାଏ ।

ମହାଲକ୍ଷ୍ମୀ ପ୍ରିୟ: ମୃଗଶିରା ନକ୍ଷତ୍ର ଅନୁସାରେ ଏହି ମାସର ନାମ ମାର୍ଗଶିର ହୋଇଛି । ମହାଲକ୍ଷ୍ମୀଙ୍କର ଭାରି ପ୍ରିୟ ଏଇ ମାସ । ସେଥିପାଇଁ ମାସର ପ୍ରତି ଗୁରୁବାର ଦିନ ମହାଲକ୍ଷ୍ମୀଙ୍କ ପୂଜା କରାଯାଏ । ମହାଲକ୍ଷ୍ମୀଙ୍କ ଆଶୀର୍ବାଦ ସ୍ୱରୂପ ଏଇ ମାସରେ ସମସ୍ତଙ୍କ ପାଖରେ ଧନ ସମ୍ପତ୍ତି, ପ୍ରାଚୁର୍ଯ୍ୟ ଓ ସୁଖ ଶାନ୍ତି ପୁରି ରହିଥାଏ । କାହିଁକିନା ଏହା ପୂର୍ଣ୍ଣତାର ମାସ । ଶସ୍ୟଶାମଳା ଧାନବିଲ ଠାରୁ ଆରମ୍ଭ କରି ଘର ଦ୍ୱାର ସବୁଆଡ଼ୁ ଖାଦ୍ୟଶସ୍ୟ ଅମଳ ହୋଇ ପୂର୍ଣ୍ଣ ହୋଇ ରହିଥାଏ । ପ୍ରାଚୁର୍ଯ୍ୟର ଦେବୀ ମାଆ ଲକ୍ଷ୍ମୀଙ୍କୁ ଏହି ମାସ ଏତେ ଭଲ ଲାଗେ ଯେ ସେ ମାର୍ଗଶିର ମାସରେ ପାଚିଲା ଧାନ ବିଲର ସୌନ୍ଦର୍ଯ୍ୟକୁ ଦେଖି ମର୍ତ୍ତ୍ୟ ଭ୍ରମଣ କରିବାକୁ ଚାଲି ଆସନ୍ତି ବୋଲି ପୌରାଣିକ ଆଖ୍ୟାନ ରହିଛି । ଥରେ ମା' ଲକ୍ଷ୍ମୀ ଏକ ଗରିବ କୃଷକ ଘରେ ଝିଅ ହୋଇ ରହିଥିବାର ଏକ କାହାଣୀ ମଧ୍ୟ ରହିଛି । ଏହି ମାସର ଗୁରୁବାରରେ ଶ୍ରୀୟା ନାମକ ଚଣ୍ଡାଳୁଣୀ ମହାଲକ୍ଷ୍ମୀଙ୍କୁ ଆରାଧନା କରିବା କଥା ମଧ୍ୟ ପଞ୍ଚସଖା ଯୁଗୀୟ କବି ବଳରାମ ଦାସ ମହାଲକ୍ଷ୍ମୀ ପୁରାଣରେ ବର୍ଣ୍ଣନା କରିଛନ୍ତି । ତେଣୁ ମାର୍ଗଶିରକୁ ମଧ୍ୟ ଲକ୍ଷ୍ମୀ ମାସ ବୋଲି କୁହାଯାଇଥାଏ ।

ମାର୍ଗଶିର ମାସର ଗୁରୁତ୍ୱ: ପୂର୍ଣ୍ଣିମା ଦିନ ମୃଗଶିର ନକ୍ଷତ୍ରର ମିଳନ ହୋଇଥିବା ହେତୁ ଏହାକୁ ମାର୍ଗଶିର ମାସ ବା ମୃଗଶିରା କୁହାଯାଏ । ବୃଶ୍ଚିକ ଚିହ୍ନ ଉକ୍ତ ମାସର ମଧ୍ୟ ଭାଗରେ ରହିଥିବା ହେତୁ ଏହାକୁ ଧନ ମାସ ବୋଲି ମଧ୍ୟ କୁହାଯାଇଥାଏ । ଏହି ମାସରେ ସୂର୍ଯ୍ୟ ଧନୁରାଶିରେ ପ୍ରବେଶ କରିଥାନ୍ତି । ଏଇ ମାର୍ଗଶିର ଅର୍ଥାତ୍ ନଭେମ୍ବର ମାସରୁ ହେମନ୍ତ ଋତୁର ଆଗମନ ହୋଇଥାଏ । ଭଗବାନ ଶ୍ରୀ ବିଷ୍ଣୁ, ଦେବୀ ମହାଲକ୍ଷ୍ମୀଙ୍କ ପୂଜା କରିବା ପାଇଁ ଏହି ମାସ ସବୁଠୁ ଭଲ । ମହାଲକ୍ଷ୍ମୀ ଧନସମ୍ପଦ, ସୌଭାଗ୍ୟ, ସୁଖ୍ୟାତି, ସୁଖ ସମୃଦ୍ଧି, ସୌନ୍ଦର୍ଯ୍ୟ ଓ ପ୍ରେମର ଦେବୀ । ସେ ଶ୍ରୀ ଭାବେ ମଧ୍ୟ ପରିଚିତା । ସେ ଭଗବାନ ବିଷ୍ଣୁଙ୍କର ଘରଣୀ ଶକ୍ତି ସ୍ୱରୂପିଣୀ । ରାମାୟଣ କଥା ବସ୍ତୁ ଅନୁସାରେ ସମୁଦ୍ର ମନ୍ଥନ ସମୟରେ ଅମୃତପାତ୍ର ଧରି ସେ ଧରା ପୃଷ୍ଠରେ ଅବତାର ଗ୍ରହଣ କରିଥିଲେ । ତେଣୁ ତାଙ୍କୁ ସମୁଦ୍ର ତନୟା ବୋଲି କୁହାଯାଏ । ତାଙ୍କର ବାହାନ ପେଚା ଓ ପାଖରେ ହସ୍ତୀ ଶୋଭା ପାଉଥାନ୍ତି । ରୁକ୍ମଣୀ ଓ ସତ୍ୟଭାମା ମ୍ଧ ଲକ୍ଷ୍ମୀଙ୍କର ଅବତାର । ତାଙ୍କର ଚାରିହାତ ଧର୍ମ, କାମନା, ଅର୍ଥ ଓ ମୋକ୍ଷର ପ୍ରତୀକ । ଓଡ଼ିଶାର ପ୍ରତିହିନ୍ଦୁ ଘରେ ଗୁରୁବାର ଦିନ ଲକ୍ଷ୍ମୀଙ୍କର ମାଣବସା ଯାଏ । ଭୃଗୁଋଷିଙ୍କ ତପସ୍ୟା ଫଳରେ ଭାର୍ଗବୀ, ଶ୍ରୀ ଆଦି ରୂପରେ ସେ ଅବତୀର୍ଣ୍ଣ ହୋଇଛନ୍ତି । ତାଙ୍କୁ କେତେକ ସ୍ଥାନରେ ଭୃଗୁକନ୍ୟା ରୂପେ ଶୁକ୍ରବାର ମଧ ପୂଜା କରାଯାଏ ।

ମହାଲକ୍ଷ୍ମୀଙ୍କ ମାଣବସା: ମହାଲକ୍ଷ୍ମୀଙ୍କୁ ଧନଧାନ୍ୟର ଦେବୀ କୁହାଯାଉଥିବାରୁ ମାର୍ଗଶିର ମାସରେ ମହାଲକ୍ଷ୍ମୀଙ୍କ ମାଣବସା ହୋଇଥାଏ । ପ୍ରତି ଓଡିଆଙ୍କ ଘରେ ଶ୍ରଦ୍ଧାର ସହ ଏଇ ଓଷା ପାଳନ ହୋଇଥାଏ । ଏହି ପୂଜା କଲେ ମାଆ ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ବରଦାନ ଦେଇଥାନ୍ତି ବୋଲି ବିଶ୍ୱାସ ରହିଛି । ଖଟୁଲି ଉପରେ ଏକ ମାଣରେ ଧାନ ଭର୍ତ୍ତି କରି ମାଆ ଲକ୍ଷ୍ମୀଙ୍କୁ ଆବାହନ କରାଯାଏ । ଏହା ଉପରେ ଧାନର ଏକ ବେଣ୍ଟି ମଧ ରଖାଯାଇଥାଏ । ଧାନକୁ ମହାଲକ୍ଷ୍ମୀଙ୍କ ପ୍ରତୀକ ରୂପେ ସେଥିରେ ତାଙ୍କର ଅତି ପ୍ରିୟ ପଦ୍ମ ଓ ଗେଣ୍ଡୁ ଫୁଲ ଦେଇ ପୂଜାର୍ଚ୍ଚନା କରାଯାଇଥାଏ । ମାଣରେ ଧାନ ରଖି ପୂଜା ହେଉଥିବାରୁ ଏହାକୁ ମାଣବସା ବି କୁହାଯାଏ ।

ମାଣ କ'ଣ: ପୂର୍ବ କାଳରେ ଧାନ ଓ ଶସ୍ୟକୁ ମାପିବା ପାଇଁ ମାଣର ବ୍ୟବହାର ହେଉଥିଲା । ସେ ସମୟରେ ନିକିତି ବା ପଲା ନ ଥିଲା । ତେଣୁ ବାଉଁଶ ଓ ବେତରେ ତିଆରି ମାଣରେ ହିଁ ସବୁ ପ୍ରକାରର ଶସ୍ୟ ମାପ କରାଯାଉଥିଲା ।

ଅମଳର ମାସ: ବର୍ଷସାରା ମୁଣ୍ଡଝାଳ ତୁଣ୍ଡରେ ମାରି ଚାଷୀ ବିଲରେ ପରିଶ୍ରମ କରିଥାଏ । ଆଉ ଏଇ ମାସରେ ତାର ପରିଶ୍ରମ ଫଳରେ ରୂପ ନେଇଥାଏ । ଧାନ, ବିରି, କୋଳଥ ଆଦି ସମସ୍ତ ପ୍ରକାରର ଶସ୍ୟ ଅମଳ ଯୋଗ୍ୟ ହୋଇଥାଏ । ପାଚିଲା ଧାନ କ୍ଷେତକୁ ଦେଖି ଚାଷୀ ମନ ଖୁସିରେ ଭରି ନାଚିଉଠେ । ତେଣୁ ମାର୍ଗଶିର ମାସକୁ ହିଁ ଚାଷୀ ପାଇଁ ଅମଳ ମାସ କୁହାଯାଏ । ଚାଷୀ ବିଲକୁ ଧାନ କାଟି ଏସବୁକୁ କିମ୍ବା ଟ୍ରାକ୍ଟର ସହାୟତାରେ ବୋହି ଆଣେ ଖଳାକୁ । ଧାନକୁ ଅମଳ କରିବା ପାଇଁ ଖଳା ପ୍ରସ୍ତୁତ କରିଥାଏ । ଖଳାରେ ବଳଦ ସାହାଯ୍ୟରେ ବେଙ୍ଗଲାପକାଇ ଶସ୍ୟ ଅମଳ କରିଥାଏ । ଏହା ପରେ ଶସ୍ୟ ସବୁକୁ ବର୍ଷକ ପାଇଁ ଅମାରରେ ସାଇତି ରଖିଥାଏ ।

ନୂଆ ଖାଇ ସହିତ ସାମଞ୍ଜସ୍ୟ: ମାଣବସା ସାଧାରଣତଃ କୃଷି ଭିତ୍ତିକ ପର୍ବ । ଏହି ପର୍ବରେ ମହାଲକ୍ଷ୍ମୀଙ୍କ ପାଖରେ ସବୁକିଛି ନୂଆ ଧାନରେ ହିଁ ହୋଇଥାଏ । ନୂଆ ଅମଳ ହୋଇଥିବା ଧାନରେ ପିଠାପଣା ହୋଇ ଭୋଗ ଲାଗିଥାଏ । ଆଉ ସେଇ ନୂଆ ଧାନର ଚାଉଳରେ ବି ଝୋଟି ଚିତା ହେବା ସହ ନୂଆ ଧାନକୁ ମାଣରେ ରଖି ପୂଜା କରାଯାଇଥାଏ । ଠିକ୍ ଏଇ ଭଳି ପଶ୍ଚିମ ଓଡ଼ିଶାବାସୀ ନୂଆ ଖାଇ ପର୍ବରେ ସେମାନଙ୍କର ଧାନ ଅମଳ କରି ପ୍ରଥମେ ଘରର ଇଷ୍ଟ ଦେବୀଙ୍କୁ ଅର୍ପଣ କରିବାର ପରମ୍ପରା ରହିଆସିଛି ।

ଝୋଟି ଚିତା: ମାଣବସା ଗୁରୁବାର ଓଷାର ଏକ ସ୍ୱତନ୍ତ୍ର ଆକର୍ଷଣ ହେଉଛି ଝୋଟି ଚିତା ଆଙ୍କିବା । ଆଗକାଳରେ ଲୋକେ ନିଜର ମାଟି ଘରକୁ ଗୋବରରେ ଲିପାପୋଛା ଓ ପରିଷ୍କାର କରି ସେଥିରେ ଝୋଟି ଆଙ୍କୁଥିଲେ । ଏଥିପାଇଁ କେତେ ଦିନରୁ ପ୍ରସ୍ତୁତି ଆରମ୍ଭ ହୋଇଥାଏ । କାନ୍ଥମାନଙ୍କରେ ବିଭିନ୍ନ ଡିଜାଇନରେ ଝୋଟି ଚିତା କରାଯାଇଥାଏ । ଏହାବାଦ ଗୁରୁବାର ଦିନ ଘରର ଅନ୍ୟ ସବୁ ସ୍ଥାନରେ ମଧ ବିଭିନ୍ନ ପ୍ରକାରର ଚିତା ଆଙ୍କିବାର ବିଧି ରହିଛି । ଚିତାରେ ମହାଲକ୍ଷ୍ମୀଙ୍କ ପାଦ ପଦ୍ମ ଆଦି ଆଙ୍କିଲେ ମହାଲକ୍ଷ୍ମୀ ସନ୍ତୁଷ୍ଟ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି । ଗୁରୁବାର ଝୋଟି ଆଙ୍କିବା ପାଇଁ ଅରୁଆ ଚାଉଳର ପିଠଉକୁ ବ୍ୟବହାର କରାଯାଏ ।

ଝୋଟିଚିତାର ଏଇ ପରମ୍ପରା ଏବେ ବି ରହିଛି । ଅବଶ୍ୟ ସହରରେ ଆଉ କନ୍ଥ ମାନଙ୍କରେ ଝୋଟି ଦେଖିବାକୁ ମିଳୁନାହିଁ । କିନ୍ତୁ ଆଦିବାସୀ ସମ୍ପ୍ରଦାୟର କାନ୍ଥରେ ଏବେ ବି ଝୋଟି ଚିତା ଦେଖିବାକୁ ମିଳିଥାଏ । ଓଡିଆମାନଙ୍କର ଏଇ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଏବେ ରାଜ୍ୟସ୍ତରରେ ବିଭିନ୍ନ ଉଦ୍ୟମ ମଧ କରାଯାଉଛି । ଅନେକ ସମୟରେ ସରକାର ତଥା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଝୋଟି ଆଙ୍କିବା ପ୍ରତିଯୋଗିତା ଆୟୋଜନ କରାଯାଇ ଏହି ପରମ୍ପରାକୁ ବଞ୍ଚାଇ ରଖିବାର ପ୍ରୟାସ ଜାରି ରହିଛି ।

ଖଳା ଲିପା: ଚାଷୀମାନେ ଧାନ ଅମଳ ପାଇଁ ଧନ ଖଳା ତିଆରି କରିଥାନ୍ତି । ଖଳାକୁ ଗୋବରରେ ଲିପି ସେଥିରେ ମଧ ଝୋଟି ଆଙ୍କିଥାନ୍ତି । କାହିଁକି ନା ଧାନ ରୂପରେ ମହାଲକ୍ଷ୍ମୀ ତାର ଖଳାକୁ ବିଜେ କରିବେ ବୋଲି ଚାଷୀ ବିଶ୍ୱାସ ରଖିଥାଏ । ଏଥିପାଇଁ ଧାନ ଖଳାରେ ଥିବା ମେରିଖୁଣ୍ଟକୁ ଫୁଲ ସିନ୍ଦୁର ଦେଇ ପୂଜା କରିଥାଏ ।

ଧଳା ଧାନ ପୂଜା: ମାର୍ଗଶିର ମାସରେ ପ୍ରଥମ ଧାନ ଅମଳ ଆରମ୍ଭ ହୁଏ । ଚାଷୀ ତା'ର ଖଳାକୁ ଧାନ ହଳା ଆଣିଥାଏ । ଧାନ ଅମଳ କରି ଘରକୁ ଆଣିବା ଆଗରୁ ତା'ର ଘରଣୀ ଏଥିରୁ ଧଳା ଧାନର ଶିଖାକୁ ବାଛି ବାହାର କରିଥାଏ । ଏହି ଧାନର ଶିଖାରେ ବେଣୀ ବାନ୍ଧି ମେଣ୍ଟି ବା ବେଣ୍ଟି ପ୍ରସ୍ତୁତ କରିଥାଏ । ଏହାକୁ ଶୁଖାଇ ଅତି ଯତ୍ନ ଓ ଆଦରରେ ରଖିଥାଏ । ଗୁରୁବାର ଓଷାର ପୂର୍ବ ଦିନରୁ ଘର ଦ୍ୱାର ଅଗଣା ଓ ଘରର ଚାରିପାଖ ଗୋବର ମାଟିରେ ଲିପା ପୋଛା କରି ପରିଷ୍କାର କରିଥାଏ । ଅମଳ ପରେ ଖଳାରେ ସେହି ସବୁ ଧାନର ଦାନ ଅନ୍ନ ଓ ଧନର ଦେବୀ ଲକ୍ଷ୍ମୀଙ୍କ ଆଶିଷ ବୋଲି ମାନି ଓଷା ପାଳନ କରାଯାଇଥାଏ ।

**ଅବଶିଷ୍ଟାଂଶ ୫ମ ପୃଷ୍ଠାରେ**

## ଲୋ ବ୍ଲଡପ୍ରେସର

**ସା**ଧାରଣତଃ ବ୍ଲଡ ପ୍ରେସର ବା ରକ୍ତଚାପ ଦୁଇ ଭାଗରେ ବିଭକ୍ତ-ଲୋ ବ୍ଲଡପ୍ରେସର ଏବଂ ହାଇ ବ୍ଲଡ ପ୍ରେସର । ତେବେ ଏପରି ସ୍ୱାସ୍ଥ୍ୟ ସମସ୍ୟାକୁ ଆଦୌ ଅବହେଳା କରିବା ଠିକ୍ ନୁହେଁ । ନିୟମିତ ସମୟ ଅନ୍ତରାଳରେ ଏହାକୁ ମାପିନେବା ସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବା ଦରକାର । ତେବେ ଲୋ ବ୍ଲଡପ୍ରେସର ପ୍ରତି ଅଧିକ ଧ୍ୟାନ ଦେବାକୁ ପଡିଥାଏ । ଏହାଠାରୁ ନିଜକୁ ଦୂରେଇ ରଖିବା ଲାଗି ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ । ଏହାବ୍ୟତୀତ ଫାଇବରଯୁକ୍ତ ଖାଦ୍ୟ ଏବଂ ଓଟସ୍ ଏପରି ରୋଗୀଙ୍କ ପାଇଁ ବେଶ୍ ଉପକାରୀ । ଡାର୍କ ଚକୋଲେଟ୍ ଲୋ ପ୍ରେସରକୁ ଅନେକାଂଶରେ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ । ପ୍ରତିଦିନ ଯଦି ଦୁଇ ପାଖୁଡା ରସୁଣ ଖାଆନ୍ତି ତେବେ ଏହି ପ୍ରେସର କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ । ଖାଦ୍ୟ ତାଲିକାରେ ଅଙ୍ଗୁର ସାମିଲ କରନ୍ତୁ ।

## ଆଜିର ଚିନ୍ତନ

**ଭ**କ୍ତାଧୀନ ଭଗବାନ । ଭକ୍ତର ମଙ୍ଗଳ ଉଦ୍ଦେଶ୍ୟରେ ଭଗବାନ ସବୁକିଛି କରିପାରନ୍ତି । ଏପରି କି କରିଥିବା ପ୍ରତିଜ୍ଞା ମଧ ଭଙ୍ଗ କରିପାରନ୍ତି । ଭକ୍ତବତ୍ସଳ ଭଗବାନ କହିବା ମୂଳରେ ଏହି ଧ୍ରୁବ ସତ୍ୟ ବିଦ୍ୟମାନ । ଦେବତା କାଠରେ ନଥାନ୍ତି, ପଥରରେ ନଥାନ୍ତି, ମାଟିର ମୂର୍ତ୍ତିରେ ମଧ ନଥାନ୍ତି; ଭାବରେ ହିଁ ଥାନ୍ତି । ଉପରୋକ୍ତ ମାଧମରେ ମଣିଷ କରିଥାନ୍ତି ସେମାନଙ୍କ ଆରାଧନା । ସେହି ଭାବର ଡୋରି ଯେତେ ଦୃଢ଼, ବନ୍ଧନ ସେତେ ନିବିଡ଼ । ପାଣ୍ଡବମାନଙ୍କର ଏହିଭଳି ଶ୍ରଦ୍ଧା ଭାବରେ ବାନ୍ଧି ହୋଇ ଯାଇଥିଲେ ଭଗବାନ ଶ୍ରୀକୃଷ୍ଣ । ମହାଭାରତ ଯୁଦ୍ଧ ଚାଲିଥାଏ, ଏହି ଧର୍ମଯୁଦ୍ଧରେ ଅଧର୍ମର ପୃଷ୍ଠପୋଷକ କୌରବ ପକ୍ଷର ମହାମହା ରଥୀ ପ୍ରତ୍ୟହ ଟଳି ପଡୁଥାନ୍ତି । କୁରୁରାଜ ଦୁର୍ଯ୍ୟୋଧନଙ୍କର ଚିନ୍ତା ବଢ଼ି ଯାଇଥାଏ । ବିପର୍ଯ୍ୟୟର ଆଶଙ୍କାରେ ମ୍ରିୟମାଣ ଦୁର୍ଯ୍ୟୋଧନ କ୍ରୋଧାନ୍ଧ ହୋଇ ପିତାମହ ଭୀଷ୍ମଙ୍କ ନିକଟରେ ପହଞ୍ଚି ଅଭିଯୋଗ କରିଥିଲେ- 'ପିତାମହ ! ଏକ ଏକ କରି ଆମପକ୍ଷର ଯୋଦ୍ଧାମାନେ ଯୁଦ୍ଧଭୂମିରେ ବୀରଗତି ପ୍ରାପ୍ତ ହେଉଛନ୍ତି, ଅପର୍ଯ୍ୟାପ୍ତ ସୈନ୍ୟ କ୍ଷୟ ହେଉଛି । ଏକପକ୍ଷରେ ଆପଣ ଆମମାନଙ୍କ ପକ୍ଷରେ ରହି ଯୁଦ୍ଧ କରୁଛନ୍ତି, ଅନ୍ୟପକ୍ଷରେ ଆପଣଙ୍କ ମନ ପାଣ୍ଡବମାନଙ୍କ ପକ୍ଷରେ । ଆପଣଙ୍କ ଭଳି ଜଣେ ଅଜେୟ ଯୋଦ୍ଧା, ଇଚ୍ଛା ମୃତ୍ୟୁର ବର ପାଇଥିବା ମହାରଥୀଙ୍କ ପକ୍ଷରେ ଏପରି ଆଚରଣ ଆଦୌ ଶୋଭନୀୟ ନୁହେଁ । ଏହା ମୋତେ ଦୁଃଖ ଦେଉଛି ।

ଦୁର୍ଯ୍ୟୋଧନଙ୍କ ଠାରୁ ଏହି କଟୁକ୍ତି ଶୁଣି ପିତାମହ ରାଗରେ ଅଗ୍ନିଶର୍ମା ହୋଇ କହିଥିଲେ- 'ଦୁର୍ଯ୍ୟୋଧନ ! ତୁମେ ଠିକ୍ କହୁ ନାହଁ । ପାଣ୍ଡବମାନଙ୍କୁ ମୁଁ ଅଧିକ ଭଲପାଏ ସତ, ହେଲେ ମୁଁ ତ ତୁମ ପକ୍ଷରୁ ଯୁଦ୍ଧ କରୁଛି । ଚାହିଁଲେ ମଧ ପାଣ୍ଡବମାନଙ୍କ ସପକ୍ଷରେ ରହି କିଛି ବି କରିପାରିବି ନାହିଁ । ଏବେ ଯାଅ, କାଲି ଯୁଦ୍ଧରେ ପାଞ୍ଚ ପାଣ୍ଡବଙ୍କର ଅନ୍ତ ହୋଇଯିବ । ଏହା ଜାଣିବାକୁ ପାଇ ଚକ୍ରଧାରୀ ଶ୍ରୀକୃଷ୍ଣ ଈଷତ୍ ହସିଥିଲେ । ଯୁଧିଷ୍ଠିର ଆଶ୍ଚର୍ଯ୍ୟ ହୋଇ କହିଥିଲେ- 'ସମ୍ମୁଖରେ ଏତେ ବଡ଼ ବିପଦ, ଅଥଚ ଆପଣ ହସୁଛନ୍ତି ଯେ ?" କୃଷ୍ଣଙ୍କ ଅଭୟ ବାଣୀ ଥିଲା, ଏ ନେଇ ଚିନ୍ତିତ ହୁଅନାହିଁ । ଏହି ବିପଦକୁ ଅବଶ୍ୟ ଟାଳି ଦିଆଯିବ । ଦ୍ରୌପଦୀଙ୍କୁ ଡାକି କହିଥିଲେ- 'କାଲି ପ୍ରତ୍ୟୁଷରୁ ତୁମକୁ ଭୀଷ୍ମଙ୍କ ଶିବିରକୁ ଯିବାକୁ ହେବ । କୁରୁପତି ଦୁର୍ଯ୍ୟୋଧନଙ୍କ ପତ୍ନୀ ପ୍ରତ୍ୟହ ତାଙ୍କ ଶିବିରକୁ ଯାଉଛନ୍ତି ଆଶିଷ ଭିକ୍ଷା ଉଦ୍ଦେଶ୍ୟରେ । ତାଙ୍କ ପୂର୍ବରୁ ହିଁ ତୁମକୁ ଯିବାକୁ ହେବ ।' ଯୋଜନା ଅନୁସାରେ ଦ୍ରୌପଦୀ ଶ୍ରୀକୃଷ୍ଣଙ୍କ ସହ ଭୀଷ୍ମଙ୍କ ଶିବିରକୁ ଯାଇଥିଲେ । ପାଦୁକାର ଭିନ୍ନ ଶବ୍ଦରୁ ଭୀଷ୍ମ ପିତାମହ ଜାଣେ ବାରି ନେବେ, ଏ ନେଇ ତାଙ୍କର ପାଦୁକାକୁ ଶ୍ରୀକୃଷ୍ଣ ହାତରେ ଧରିଥାନ୍ତି । ଶିବିର ଭିତରକୁ ଯାଇ ପିତାମହଙ୍କୁ ପ୍ରଣାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଶ୍ରୀକୃଷ୍ଣ । ଦ୍ରୌପଦୀ ପ୍ରଣାମ କରନ୍ତେ, ଭୀଷ୍ମ ପୂର୍ବବତ୍ ଦୁର୍ଯ୍ୟୋଧନଙ୍କ ପତ୍ନୀ ଭାବି କହିଥିଲେ- 'ଅଖଣ୍ଡ ସୌଭାଗ୍ୟବତୀ ହୁଅ । ଏହା କହିସାରି ଆଖି ଖୋଲିବା ପରେ ଦେଖିଥିଲେ ତାଙ୍କ ସମ୍ମୁଖରେ ଦ୍ରୌପଦୀଙ୍କୁ । ଆଶ୍ଚର୍ଯ୍ୟର ସୀମା ନଥିଲା ତାଙ୍କର । ପଚାରିଥିଲେ ତୁମେ ! ଏଠାରେ କାହିଁକି ? ମନକୁ ଆସିଥିଲା ଦ୍ରୌପଦୀଙ୍କୁ ଦେଇଥିବା ଆଶୀର୍ବାଦ କଥା । ପରେ ପରେ କହିଥିଲେ- ହେଲେ ତୁମକୁ ଶିବିରକୁ ଆଣିଲା କିଏ ? କିଛି ଗୋଟାଏ ଉଦ୍ଦେଶ୍ୟରେ ଆସିଛ ନିଶ୍ଚୟ । ଅନ୍ତରାଳରେ ଥିବା ଶ୍ରୀକୃଷ୍ଣ ସମ୍ମୁଖକୁ ଆସି କହିଥିଲେ- 'ପିତାମହ ! ଏବେ ପାଣ୍ଡବମାନଙ୍କ ଅବସ୍ଥା କ'ଣ ହେବ ? ପିତାମହଙ୍କ ନଜରରେ ପଡ଼ିଥିଲା ଶ୍ରୀକୃଷ୍ଣ ଧରିଥିବା ଦ୍ରୌପଦୀଙ୍କ ପାଦୁକା ଉପରେ । ଉତ୍ତର ଦେଇଥିଲେ- 'ଯେଉଁ ପାଣ୍ଡବ ପତ୍ନୀଙ୍କ ପାଦୁକା ସ୍ୱୟଂ ଶ୍ରୀକୃଷ୍ଣ ହାତରେ ଧରିଛନ୍ତି ସେମାନଙ୍କର କିଏ ଅବା କ'ଣ କରିପାରିବ ? ଯାଅ କୃଷ୍ଣ, ପାଣ୍ଡବମାନଙ୍କୁ ଅଭୟ ଦେଲି ; କିନ୍ତୁ ଯୁଦ୍ଧରେ ତୁମେ ତୁମର ପ୍ରତିଜ୍ଞା ଭଙ୍ଗ କରୁଛ ।'

ଏହା ସତ୍ୟ ଯେ ଶ୍ରୀକୃଷ୍ଣ ଯୁଦ୍ଧରେ ଅସ୍ତ୍ର ଧାରଣ କରିବେ ନାହିଁ ବୋଲି କହିଥିଲେ । ନାରାୟଣୀ ସେନା ଦୁର୍ଯ୍ୟୋଧନଙ୍କ ପକ୍ଷରୁ ଅସ୍ତ୍ର ଧାରଣ କରି ଯୁଦ୍ଧ କରୁଥିଲେ ; କିନ୍ତୁ ସୁଦର୍ଶନ ଚକ୍ର କୌରବ ପକ୍ଷର ଯୋଦ୍ଧାମାନଙ୍କୁ ହତ୍ୟା କରୁଥିଲା ବୋଲି ପିତାମହ ଭୀଷ୍ମ ଜାଣି ପାରିଥିଲେ । ଶ୍ରଦ୍ଧା, ଭକ୍ତିରୂପୀ ଭାବର ବନ୍ଧନରେ ବାନ୍ଧି ଦେଇଥିବା ଭକ୍ତ ପାଇଁ ଭଗବାନ ନିଜ ପ୍ରତିଜ୍ଞା ବି ଭଙ୍ଗ କରିପାରନ୍ତି ।

ବର୍ଷ ୨୬, ସଂଖ୍ୟା- ୪୬, ୧୩ - ୧୯ ନଭେମ୍ବର ୨୦୨୨

# ଦେଶରେ ନକଲି ଔଷଧ

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ହୁ) ପକ୍ଷରୁ ଆକଳନ କରାଯାଇଛି ଯେ ଭାରତୀୟମାନେ ବାର୍ଷିକ ମୋଟ୍ ସ୍ୱାସ୍ଥ୍ୟ ଓ ଚିକିତ୍ସା ବାବଦରେ ସେମାନଙ୍କ ମୋଟ ବ୍ୟୟର ପ୍ରାୟ ୬୨ରୁ ୬୫ ଶତାଂଶ ପର୍ଯ୍ୟନ୍ତ ନିଜ ହାତରୁ ବ୍ୟୟ କରନ୍ତି । ଚିକିତ୍ସା ବାବଦରେ ଯେତିକି ଖର୍ଚ୍ଚ ହୁଏ ତାହାର ୬୦ ଶତାଂଶ କେବଳ ବିଭିନ୍ନ ପ୍ରକାରର ଔଷଧ କିଣାରେ ଯାଏ । ଏହି ସଂସ୍ଥା ପୁଣି କହିଛି ଯେ ଭାରତରେ ମିଳୁଥିବା ବିଭିନ୍ନ ପ୍ରକାରର ଔଷଧ ମଧ୍ୟରୁ ପ୍ରାୟ ୧୦.୫ ଶତାଂଶ ନକଲି । ଜାତିସଂଘର ଆକଳନ ଅନୁସାରେ ଭାରତରେ ବିକ୍ରି ହେଉଥିବା ଔଷଧର ୨୦ ଶତାଂଶ ନକଲି । ଭାରତୀୟ ବାଣିଜ୍ୟ ଓ ଉଦ୍ୟୋଗ ସଂଘ (ଆସୋଚାମ୍)ର ତଥ୍ୟ ଅନୁଯାୟୀ ଭାରତୀୟ ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର ଔଷଧ ମଧ୍ୟରୁ ପ୍ରାୟ ୨୫ ଶତାଂଶ ନକଲି କିମ୍ବା ଅତ୍ୟନ୍ତ ନିମ୍ନମାନର । ଏଭଳି ପରିସ୍ଥିତିରେ ନକଲି ଔଷଧ କାରବାର ସ୍ୱାସ୍ଥ୍ୟ ସେବାର ସ୍ଥିତିକୁ ଅଧିକ ଜଟିଳ କରିବାରେ ଲାଗିଛି ।

ରସାୟନ ଓ ସାର ମନ୍ତ୍ରାଳୟ ଅଧୀନରେ ଥିବାଔଷଧ ବିଭାଗର ବାର୍ଷିକ ବିବରଣୀ ୨୦୨୦-୨୧ ଅନୁସାରେ ଔଷଧ ଉତ୍ପାଦନର ପରିମାଣ ହିସାବରେ ସମଗ୍ର ବିଶ୍ୱରେ ଭାରତ ତୃତୀୟ ସ୍ଥାନ ଓ ମୋଟ୍ ମୂଲ୍ୟ ଆଧାରରେ ଚତୁର୍ଦ୍ଦଶ ସ୍ଥାନରେ ରହିଛି । ଭାରତୀୟ ଔଷଧ ବଜାରର ଆକାର ପ୍ରାୟ ୧୮ ଶହ କୋଟି ଡଲାରରୁ ଊର୍ଦ୍ଧ୍ୱ । ସେଥିଧରୁ ପ୍ରାୟ ପାଞ୍ଚଶହ କୋଟି ଡଲାରରୁ ଊର୍ଦ୍ଧ୍ୱ କାରବାର କେବଳ ନକଲି ଔଷଧ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଉପକରଣ ବର୍ଗରେ ହେଉଛି । ନକଲି ଔଷଧ କାରବାର ବର୍ଷକୁ ୨୫ ଶତାଂଶ ହାରରେ ବୃଦ୍ଧି ପାଇବାରେ ଲାଗିଛି । ଯଦି ନକଲି ଔଷଧ କାରବାରକୁ ନିୟନ୍ତ୍ରଣ କରା ନ ଯାଏ ତେବେ ୨୦୨୫ ବେଳକୁ ଏହା ୧୨ ଶହ କୋଟି ଡଲାରକୁ ସ୍ପର୍ଶ କରିବ ବୋଲି ଆଶଙ୍କା କରାଯାଉଛି ।

ଜେନେରିକ ଔଷଧ ଓ ଟିକା (ଯେଉଁ ଔଷଧର ରାସାୟନିକ ସୂତ୍ର ଉପରେ ଏକସତ୍ତ୍ୱ ଅଧିକାର ନ ଥାଏ) ଉତ୍ପାଦନ, ଓ ରପ୍ତାନିରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି । ଏ କ୍ଷେତ୍ରରେ ଚୀନ ପ୍ରଥମ ସ୍ଥାନରେ ରହିଛି । ସାଧାରଣତଃ ଅତ୍ୟନ୍ତ ଗରିବ ଆଫ୍ରିକୀୟ ଏସୀୟ ଓ ଲାଟିନ ଆମେରିକୀୟ ଦେଶଗୁଡ଼ିକୁ ଅଧିକ ମାତ୍ରାରେ ଏହି ଔଷଧ ରପ୍ତାନି ହେଉଛି । ବାଣିଜ୍ୟ ମନ୍ତ୍ରାଳୟର ତଥ୍ୟ ଅନୁଯାୟୀ ୨୦୨୦-୨୧ ଆର୍ଥିକ ବର୍ଷରେ ୧,୮୩,୪୨୨ କୋଟି ଟଙ୍କାର ଔଷଧ ଓ ଟିକା ରପ୍ତାନି ହୋଇଛି । ବିଶ୍ୱ ପାଇଁ ଭାରତ ଗୋଟିଏ ଔଷଧାଳୟ ରୂପେ ବିବେଚିତ ହେଉଛି । କିନ୍ତୁ ଗାମ୍ବିଆ ଘଟଣା ପରେ ଭାରତରୁ ରପ୍ତାନି ହେଉଥିବା ଶସ୍ତା ଔଷଧ ଉପରେ ସନ୍ଦେହ ପ୍ରକାଶ ପାଇଛି । ତେଣୁ ଏହି ସମସ୍ୟା ଉପରେ 'ହୁ', ୟୁରୋପ ସଂଘ ଓ ଆମେରିକୀୟ ଭେଷଜ ପରିଷଦ ଆଦି ଚିନ୍ତା ପ୍ରକଟ କରିଛନ୍ତି । ଇଣ୍ଟରପୋଲ୍ ନକଲି ଔଷଧ କାରବାର ବିଷୟରେ ଅନୁସନ୍ଧାନ ଆରମ୍ଭ କରିସାରିଛି । ଅସାଧୁ ଉତ୍ପାଦକମାନଙ୍କ ହେତୁ ଭାରତର ଚିତ୍ର ଖରାପ ହେଉଛି । ଗାମ୍ବିଆରେ ଭାରତ ପ୍ରସ୍ତୁତ କାଶ ଔଷଧ ଖାଇବା ପରେ ୬୬ ଜଣ ଶିଶୁଙ୍କ ମୃତ୍ୟୁ ପରେ ଚାରୋଟି କମ୍ପାନୀର କାଶ ଔଷଧର ଗୁଣବତ୍ତା ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସନ୍ଦେହ କରି ସତର୍କ ରହିବାକୁ ସୂଚନା ଦେଇଛି ।


ଆଗାମୀ ପଚିଶ ବର୍ଷ ମଧ୍ୟରେ ଆମେ ଯେଉଁ ବିକଶିତ ରାଷ୍ଟ୍ରମାନଙ୍କ ସହିତ ସମକକ୍ଷ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛୁ, ସେଠାରେ ନକଲି ଔଷଧ କାରବାରର ପରିମାଣ ଅତିବେଶୀରେ ମାତ୍ର ୧ ଶତାଂଶ । କରୋନା ମହାମାରୀ ସମୟରେ ଭାରତରେ ନକଲି ଔଷଧ କାରବାର ବହୁତ ବୃଦ୍ଧି ହୋଇଛି । ଅଥେଣ୍ଟିକେସନ୍ ସଲ୍ୟୁସନ ପ୍ରୋଭାଇଡରସ୍ ଆସୋସିଏସନ୍ (ଏଏସ୍ଏ) ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଭାରତରେ ଔଷଧ ବ୍ୟବସାୟରେ ସ୍ୱଚ୍ଛତା ଆଣିବା ପାଇଁ ପ୍ରୟାସ କରୁଛି । ସଂସ୍ଥାର ତଥ୍ୟ ଅନୁଯାୟୀ ଜାନୁୟାରୀ ୨୦୧୮ରୁ ଡିସେମ୍ବର ୨୦୨୦ ମଧ୍ୟରେ ଭାରତରେ ୨୩ଟି ରାଜ୍ୟ ଓ ୭ଟି କେନ୍ଦ୍ରଶାସିତ ଅଞ୍ଚଳରେ ନକଲି ଔଷଧ ବ୍ୟବସାୟ କୋଡ଼ିଏ ଶତାଂଶ ବୃଦ୍ଧି ହୋଇଛି । କରୋନା ପ୍ରକୋପ ସମୟରେ ଏହା ଆହୁରି ବୃଦ୍ଧି ପାଇ ୪୭ ପ୍ରତିଶତରେ ପହଞ୍ଚିଥିଲା ।

ଭାରତରେ ନକଲି ଔଷଧ କାରବାର ବୃଦ୍ଧି ପାଉଥିବା ପଛରେ ସରକାରଙ୍କ ଦୁର୍ବଳ ତଦାରଖ ଭିଭିଭୂମି ଓ ପ୍ରଶାସନିକ ଉଦାସୀନତା ଦାୟୀ ଅଟେ । ଔଷଧ ନିରୀକ୍ଷକମାନେ ନିୟମିତ ଭାବରେ ବିତରକମାନଙ୍କ ଗୋଦାମ ଯାଞ୍ଚ କରୁ ନ ଥିବାରୁ ଅସାଧୁ ବ୍ୟବସାୟୀମାନେ ନିର୍ଦ୍ୱନ୍ଦରେ ନକଲି ଔଷଧ କାରବାର କରୁଛନ୍ତି । ୨୦୧୯ ସୁଦ୍ଧା ବିଭିନ୍ନ ପ୍ରକାରର ଔଷଧ ନମୁନା ପରୀକ୍ଷା ପାଇଁ ଦେଶରେ ମାତ୍ର ୬ଟି କେନ୍ଦ୍ରୀୟ ପରୀକ୍ଷାଗାର ଏବଂ ବିଭିନ୍ନ ରାଜ୍ୟରେ ୪୭ଟି ଆଞ୍ଚଳିକ ପରୀକ୍ଷାଗାର ରହିଛି । ସେଥିମଧ୍ୟରୁ ପ୍ରାୟ ୩୦ଟି ଘରୋଇ ପରୀକ୍ଷାଗାର କାର୍ଯ୍ୟ କରୁଛନ୍ତି । ଏହାବ୍ୟତୀତ ଭ୍ରାମ୍ୟମାଣ ପରୀକ୍ଷାଗାର ମଧ ରହିଛି । କିନ୍ତୁ ସେମାନଙ୍କ ସଂଖ୍ୟା ବହୁତ ସ୍ୱଳ୍ପ ଓ ଔଷଧ ନିରୀକ୍ଷକମାନେ ସେଗୁଡ଼ିକୁ ନିୟମିତ ଭାବରେ ବ୍ୟବହାର ମଧ କରନ୍ତି ନାହିଁ । ନକଲି ଔଷଧର ବ୍ୟବସାୟ ଯେପରି ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି ସେଥିପାଇଁ ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ନିହାତି ଗୋଟିଏ ଲେଖାଏଁ ଔଷଧ ନମୁନା ପରୀକ୍ଷାଗାର ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି ।

କରୋନା ମହାମାରୀ ପରେ ଅନଲାଇନ୍‌ରେ ଔଷଧ କାରବାର ବୃଦ୍ଧି ପାଇଛି । ବର୍ତ୍ତମାନ ପ୍ରାୟ ପଚାଶରୁ ଅଧିକ କମ୍ପାନୀ ଇଣ୍ଟରନେଟରେ ଔଷଧ ବ୍ୟବସାୟ କରୁଛନ୍ତି । ଅନଲାଇନ୍‌ରେ ଔଷଧ କାରବାର ବାର୍ଷିକ ୪୪ ପ୍ରତିଶତ ହିସାବରେ ବୃଦ୍ଧି ପାଇବାରେ ଲାଗିଛି ଓ ଆଗାମୀ ତିନିବର୍ଷ ମଧ୍ୟରେ ଏହି ବ୍ୟବସାୟର ଆକାର ପାଞ୍ଚଶହ କୋଟି ଡଲାରରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ଗ୍ଲୋବାଲ ଏଲାଏନ୍ସ ଫର୍ ସେଫ୍ ଅନଲାଇନ୍ ଫାର୍ମାସୀ ନାମକ ଏକ ଅନ୍ତଃରାଷ୍ଟ୍ରୀୟ ସ୍ୱେଚ୍ଛାସେବୀ ସଙ୍ଗଠନର ସର୍ବେକ୍ଷଣ ଅନୁସାରେ ସମଗ୍ର ବିଶ୍ୱରେ ଅନଲାଇନ୍‌ରେ ବିକ୍ରି ହେଉଥିବା ଔଷଧର ୯୫ ଶତାଂଶ ହେଉଛି ନକଲି । ତେଣୁ ଏହି ନୂତନ ବ୍ୟବସ୍ଥାରେ ମଧ ରୋଗୀମାନଙ୍କ ଜୀବନ ପ୍ରତି ଯେପରି କୌଣସି ପ୍ରକାରର ବିପଦ ସୃଷ୍ଟି ନ ହୁଏ ସେଥିପାଇଁ ସରକାରଙ୍କୁ ସତର୍କ ଦୃଷ୍ଟି ରଖିବାକୁ ପଡ଼ିବ ।

ଚିକିତ୍ସକ, ରୋଗୀ କିମ୍ବା ତାଙ୍କର ସମ୍ପର୍କୀୟମାନେ ଅଭିଯୋଗ କରିବା ପାଇଁ ଜାତୀୟ ଦେୟମୁକ୍ତ ହେଲ୍ପଲାଇନ ନମ୍ବର ଓ ଅନଲାଇନ୍‌ରେ ଅଭିଯୋଗ ଦେବାର ବ୍ୟବସ୍ଥା ରହିବା ଆବଶ୍ୟକ । ସରକାର ସମସ୍ତ ପ୍ରକାରର ଔଷଧ ଉପରେ ଏହାର ନାମ, ବ୍ୟାଚ୍ ନମ୍ବର, ଉତ୍ପାଦନ ତାରିଖ, ବ୍ୟବହାର କରିବାର ଶେଷ ତାରିଖ ପରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଭୟ ଇଂରାଜୀ ଓ ହିନ୍ଦୀ ଭାଷା ସହିତ ଆଞ୍ଚଳିକ ଭାଷାରେ ଲେଖିବା ପାଇଁ ନିୟମ କରିଥିଲେ ମଧ ଉତ୍ପାଦକମାନେ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି । ସେହିପରି ଔଷଧ ଖୋଳ ଉପରେ ତ୍ରିଆୟାମ୍ ବିଶିଷ୍ଟ ସ୍ୱତନ୍ତ୍ର ଚିହ୍ନ (ଥ୍ରିଡି ହୋଲୋଗ୍ରାମ) ଲଗାଇବାର ନିୟମକୁ ସବୁ କମ୍ପାନୀ ମାନୁନାହାନ୍ତି । ବାର୍‌କୋଡ୍ କ୍ଷେତ୍ରରେ ମଧ ସମଦଶା ଓ ଉତ୍ପାଦକ ପ୍ରତ୍ୟେକ ଔଷଧ ଓ ଟିକାକୁ କମ୍ପ୍ୟୁଟର ମାଧ୍ୟମରେ ସୃଷ୍ଟି ହୋଇଥିବା ଏକ ସ୍ୱତନ୍ତ୍ର ସଂଖ୍ୟା ପ୍ରଦାନ କରିବା ପାଇଁ ୨୦୧୧ରୁ ଏଏସ୍‌ପିଏ ଦାବି କରି ଆସୁଛି । କିନ୍ତୁ ସରକାରୀ ଉଦାସୀନତା ଓ ଉତ୍ପାଦକ ମାନଙ୍କ ଅବହେଳା ଯୋଗୁଁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ । ନକଲି ଔଷଧ କାରବାରକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତ ଔଷଧ ଓ ଅନ୍ୟାନ୍ୟ ଚିକିତ୍ସା ଉପକରଣ ଉପରେ କ୍ୟୁଆର୍ କୋଡ ଛାପିବା ପାଇଁ ମଧ ନିୟମ କରାଯାଇଛି । ସ୍ମାର୍ଟ ଫୋନ୍‌ର କ୍ୟାମେରାରେ ଇଣ୍ଟରନେଟ ବ୍ୟବହାର କରି ଫଟୋ ଉଠାଇବା ପରେ ଏହା ନକଲି କିମ୍ବା ଅସଲି ଜଣାପଡ଼ିବ । କିନ୍ତୁ ସ୍ୱଳ୍ପ ଡିଜିଟାଲ ସାକ୍ଷରତା ହେତୁ ଏହାକୁ ସମସ୍ତେ ବ୍ୟବହାର କରିବା ପାଇଁ ସମର୍ଥ ହେବେ ନାହିଁ । ବ୍ଲକ ଚେନ୍ ବ୍ୟବହାର କରିବା ପାଇଁ ମଧ ପ୍ରସ୍ତାବ ରହିଛି । ଚିକିତ୍ସକମାନେ ପରାମର୍ଶ ଦେଉଛନ୍ତି ସତର୍କତା ଅବଲମ୍ବନ କରି ଅସଲି ଔଷଧ କିଣିବାକୁ । କିନ୍ତୁ ଗୋଟିଏ ସାଧାରଣ ରୋଗୀ ନିରୂପାୟ । ଯେଉଁଠି ସରକାର ନକଲି ଔଷଧ ଧରି ପାରୁନାହାନ୍ତି ସେହିସ୍ଥାନରେ ସାଧାରଣ ରୋଗୀମାନେ କିଭଳି ପାରିବେ ତାହା ପ୍ରଶ୍ନ ସୃଷ୍ଟି କରୁଛି ।

ଯେତେବେଳେ କୌଣସି ଉତ୍ପାଦକଙ୍କ ନିମ୍ନମାନର ଔଷଧ ଯାଞ୍ଚ ବେଳେ ଧରାପଡ଼େ ସେତେବେଳେ ସେହି ବ୍ୟାଚର ସମସ୍ତ ଔଷଧକୁ ଫେରାଇ ନେବା ଆଇନ ଅନୁଯାୟୀ ଉତ୍ପାଦକମାନଙ୍କ ଦାୟିତ୍ୱ । କିନ୍ତୁ ବଜାରରେ ନିଜର ଛବି ଓ କ୍ଷତିକୁ ଦୃଷ୍ଟିରେ ରଖି ଉତ୍ପାଦକ କୌଣସି ପ୍ରକାରର ପଦକ୍ଷେପ ଗ୍ରହଣ କରନ୍ତି ନାହିଁ । ସରକାର ଏହିପରି ଉତ୍ପାଦକମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ । ନକଲି ଓ ନିମ୍ନମାନର ଔଷଧ ବ୍ୟବସାୟ ଓ କଳାବଜାରର ମୂଳୋତ୍ପାଟନ ସହିତ ଦର ନିୟନ୍ତ୍ରଣ ନିମନ୍ତେ ସରକାର ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ କରିବା ଉଚିତ । ଉତ୍ପାଦକ, ବିତରକ, ବିକ୍ରେତା ଓ ଅନଲାଇନରେ ଔଷଧ ବିକ୍ରେତାମାନଙ୍କ ପାଇଁ ଉପଯୁକ୍ତ ଆଇନ ପ୍ରଣୟନ କରି ଯଥାଶୀଘ୍ର ଭାରତୀୟ ଔଷଧ ବଜାରର ସ୍ଥିତିକୁ ସୁଧାରିବାକୁ ସରକାର ପ୍ରାଧାନ୍ୟ ଦେବା ଉଚିତ ।



# ମୃତ୍ୟୁ

## ମହାତ୍ମା ଗାନ୍ଧୀ

ବହୁ ବର୍ଷ ହେଲା ମୁଁ ଏହି ଉକ୍ତିଟିକୁ ମୋ'ର ବୌଦ୍ଧିକ ସମ୍ମତି ଦେଇ ଆସିଛି ଯେ, ମୃତ୍ୟୁ ହେଉଛି ଜୀବନରେ ଏକ ବୃହତ୍ ପରିବର୍ତ୍ତନ ମାତ୍ର ଓ ତାହା ବ୍ୟତୀତ ଆଉ କିଛି ନୁହେଁ । ତେଣୁ, ମୃତ୍ୟୁ ଯେତେବେଳେ ଆସି ଉପଗତ ହୋଇଯିବ, ସେତେବେଳେ ତାହାକୁ ସ୍ୱାଗତ କରିନେବା ଉଚିତ । ମୃତ୍ୟୁର ଭୟ ସମେତ ଯାବତୀୟ ଭୟକୁ ମୋ'ର ହୃଦୟ ଭିତରୁ ବାହାର କରି ଫିଙ୍ଗି ଦେବାକୁ ମୁଁ ଇଚ୍ଛାକୃତ ଭାବରେ ଏକ ସର୍ବୋତ୍ତମ ଚେଷ୍ଟା କରିଆସିଛି ।

ତଥାପି ମୋ' ଜୀବନରେ ମୁଁ ଏଭଳି ଏକାଧିକ ଅବସରକୁ ସ୍ମରଣ କରିପାରୁଛି, ଯେତେବେଳେ କି ଆସନ୍ନ ହୋଇ ଆସୁଥିବା ମୃତ୍ୟୁର ଭାବନାରେ ମୁଁ ହରଷିତ ହୋଇ ଉଠିଛି । ଅନେକ ଦିନରୁ ହରାଇଥିବା ବନ୍ଧୁକୁ ଭେଟିବାର ଭାବନାରେ ଜଣେ ଯେପରି ହୃଷ୍ଟତା ଅନୁଭବ କରେ, ଠିକ୍ ସେହିପରି । ଏହିପରି ଭାବରେ ବଳବାନ୍ ହୋଇ ରହିବା ନିମନ୍ତେ ମନୁଷ୍ୟର ସକଳ ଚେଷ୍ଟା ସତ୍ତ୍ୱେ ସେ ଅନେକ ସମୟରେ ଦୁର୍ବଳ ହୋଇ ରହିଥାଏ ଏବଂ ଯେଉଁ ଜ୍ଞାନ ମସ୍ତିଷ୍କ ପାଖରେ ଆସି ଅଟକିଯାଏ ଏବଂ ହୃଦୟକୁ ଭେଦ କରିପାରେ ନାହିଁ, ଜୀବନର ଅଭିଜ୍ଞତା – କ୍ଷେତ୍ରରେ ଆସୁଥିବା ସଂକଟପୂର୍ଣ୍ଣ କ୍ଷଣ ଗୁଡ଼ିକରେ ତାହା କାମରେ ଆସେ ନାହିଁ ।

ପୁନଶ୍ଚ, ଜଣେ ବ୍ୟକ୍ତି ବାହାରୁ ବଳ ପାଉଥିବା ଓ ତାହାକୁ ସ୍ୱୀକାର କରି ନେଉଥିବା ସମୟରେ ଭିତରେ ରହିଥିବା ତା'ର ଆତ୍ମବଳ ଅଧିକତର କ୍ଷେତ୍ରରେ ଅନ୍ତର୍ହିତ ହୋଇ ଯାଇଥାଏ । ଜଣେ ସତ୍ୟାଗ୍ରହୀକୁ ଏହିସବୁ ପ୍ରଲୋଭନ ବିରୋଧରେ ସର୍ବଦା ସତର୍କ ରହିବାକୁ ପଡ଼ିବ ।

ଏହି କଥାଟି ମୋ'ପାଇଁ ଦିବାଲୋକ ପରି ସ୍ପଷ୍ଟ ଯେ, ଜୀବନ ଓ ମୃତ୍ୟୁ ହେଉଛନ୍ତି ପ୍ରକୃତରେ ଗୋଟିଏ ବସ୍ତୁର ହିଁ ଦୁଇଟି ପର୍ଯ୍ୟାୟ, ସେହି ଗୋଟିଏ ମୁଦ୍ରାର ଏପାଖ ଓ ସେପାଖ । ବସ୍ତୁତଃ, ଦୁଃଖଭୋଗ ଏବଂ ମୃତ୍ୟୁ ମୋତେ ସୁଖ ବା ଜୀବନ ତୁଳନାରେ ପ୍ରଭୂତ ଭାବରେ ଅଧିକ ସମ୍ପଦମୟ ଏକ ପର୍ଯ୍ୟାୟର ପରିଚୟ ଦେଇଥାନ୍ତି । ଜୀବନରେ ଲବଣ ପରି କାର୍ଯ୍ୟ କରୁଥିବା ଦୁଃଖ, କଷ୍ଟ ଓ ପରୀକ୍ଷା ଗୁଡ଼ିକ ନ ଥିଲେ ଜୀବନର ଆଉ କି ମୂଲ୍ୟ ରହିଥାନ୍ତା ?

ମୃତ୍ୟୁକୁ ଏଡ଼ାଇବା ନିମନ୍ତେ ଏହି ବର୍ଷଟି ଶେଷ ହେବା ପର୍ଯ୍ୟନ୍ତ ହିମାଳୟକୁ ଚାଲିଯିବା ସକାଶେ ଯଦି ମୋତେ କେହି ପରାମର୍ଶ ଦେବ, ତେବେ ମୁଁ ସେହି ପରାମର୍ଶ ଗ୍ରହଣ କରିବି ନାହିଁ ।

କାରଣ, ମୃତ୍ୟୁର ହାତରୁ ନିଜକୁ ସୁରକ୍ଷିତ କରି ରଖିବାଲାଗି ମନୁଷ୍ୟ ଯେତେ ସତର୍କତା ଅବଲମ୍ବନ କରିବାର ଭ୍ରମ ଭିତରେ ଆପଣାକୁ କିଳି ରଖିଥାଉ ପଛକେ, ମୃତ୍ୟୁ ଯେ ଅନିବାର୍ଯ୍ୟ, ସେକଥା ମୋତେ ଜଣା ଅଛି । ଆପଣାର ସ୍ୱାସ୍ଥ୍ୟକୁ ସୁରକ୍ଷିତ କରି ରଖିବାର ଉପାୟକୁ ଜାଣିଥିବା କ୍ଷେତ୍ରରେ ଭାରତ ବର୍ଷର ଯେଉଁ ଅଳ୍ପ କେତେଜଣ ବ୍ୟକ୍ତି ସାଧାରଣ କ୍ଷେତ୍ରରେ ରହିଛନ୍ତି, ମୁଁ ଯେ ସେମାନଙ୍କ ଭିତରୁ ଜଣେ, ଆପଣମାନେ ସେହି କଥାଟିକୁ ବୁଝନ୍ତୁ ବୋଲି ମୁଁ ଆଗ୍ରହ କରୁଛି । ମୋ'ଦ୍ୱାରା କି କାର୍ଯ୍ୟ କରାଇବେ, ଭଗବାନ୍ ସେକଥା ଅବଶ୍ୟ ଜାଣିଛନ୍ତି । ତାଙ୍କର କାର୍ଯ୍ୟ ନିମନ୍ତେ ମୋତେ ସିଏ ଯେତେ ବେଳଯାଏ ଆବଶ୍ୟକ କରିବେ, ତା'ଠାରୁ ଅଧିକ ଗୋଟିଏ ମୁହୂର୍ତ୍ତ ବଞ୍ଚି ରହିବାକୁ ସେ ମୋତେ କଦାପି ଅନୁମତି ଦେବେନାହିଁ ।

ମୃତ୍ୟୁ ଜଣେ ସହଚର, ଜଣେ ବନ୍ଧୁ । ଯେଉଁମାନେ ସାହସର ସହିତ ମୃତ୍ୟୁର ସମ୍ମୁଖୀନ ହୋଇଛନ୍ତି, ସେହିମାନେ ହିଁ ଉତ୍ତମ ଗତି ପାଇଛନ୍ତି । ମୃତ୍ୟୁକୁ କାହାରି ଭୟ କରିବା ଉଚିତ ନୁହେଁ । ମନୁଷ୍ୟ ମାତ୍ରକେ ମୃତ୍ୟୁ ଅନିବାର୍ଯ୍ୟ । ମାତ୍ର, ଯଦି ଆମେ ହସି ହସି ମରିପାରିବା, ତେବେ ଆମେ ଏକ ନୂତନ ଜୀବନ ମଧ୍ୟରେ ପ୍ରବେଶ କରି ପାରିବା ।

କେବଳ ମୃତ୍ୟୁକୁ ଏଡ଼ି ରହିବା ପାଇଁ ମନୁଷ୍ୟ ଜୀବନ ଧାରଣ କରିନାହିଁ । ଯଦି ସେ ସେପରି କରୁଥାଏ, ତେବେ ତାହା ନ କରିବାକୁ ମୁଁ ତାକୁ ପରାମର୍ଶ ଦେବି ।


ମୁଁ ତାକୁ ପରାମର୍ଶ ଦେବି ଯେ, ଅଧିକ ନ ହେଲେ ମଧ, ସେ ଜୀବନକୁ ଯେତିକି ଭଲପାଉଛି, ମୃତ୍ୟୁକୁ ମଧ ସେତିକି ଭଲପାଉ । କୁହାଯାଇ ପାରେ ଯେ, ଏହା ହେଉଛି ଏକ କଠୋର ବାକ୍ୟ ଏବଂ ସେହି ଅନୁସାରେ କାର୍ଯ୍ୟ କରିବା ଆହୁରି ଅଧିକ କଠିନ । ଯଥାର୍ଥ ଯୋଗ୍ୟତା ରଖିଥିବା ଯେକୌଣସି କାର୍ଯ୍ୟ କଠିନ । ଉପରକୁ ଆରୋହଣ କରିବା ସର୍ବଦା ହିଁ କଠିନ । ଅବରୋହଣ ସହଜ ଏବଂ ଏଥିରେ ଅଧିକାଂଶ ସମୟ ହିଁ ଖସି ଆସିବାକୁ ପଡ଼ିଥାଏ । ଯେତିକି ପରିମାଣରେ ଆମେ ମୃତ୍ୟୁକୁ ଏକ ଶତ୍ରୁ ହିସାବରେ ନୁହେଁ, ମାତ୍ର ବନ୍ଧୁ ହିସାବରେ ବ୍ୟବହାର କରିବା, ଆମେ ସେହି ପରିମାଣରେ ହିଁ ଜୀବନକୁ ଯୋଗ୍ୟ ଭାବରେ ବଞ୍ଚି ପାରିବା ।

ଜୀବନର ପ୍ରଲୋଭନ ଗୁଡ଼ିକୁ ଜୟ କରିବା ନିମନ୍ତେ ସହାୟତା ଲାଗି ମୃତ୍ୟୁର ଆବାହନ କର । ମୃତ୍ୟୁକୁ ଗଡ଼ାଇ ଦେବାର ଅଭିପ୍ରାୟରେ ଜଣେ ଭୀରୁ ନିଜର ସମ୍ମାନ, ପତ୍ନୀ, କନ୍ୟା ଏବଂ ସବୁକିଛିକୁ ଜଳାଞ୍ଜଳି ଦେଇଥାଏ । ଜଣେ ସାହସୀ ମନୁଷ୍ୟ ଆତ୍ମସମ୍ମାନକୁ ବଳି ଦେବା ଅପେକ୍ଷା ବରଂ ମୃତ୍ୟୁକୁ ହିଁ ଅଧିକ ଗ୍ରହଣୀୟ ବୋଲି ଭାବିଥାଏ ।

ଯେତେବେଳେ ଉପଯୁକ୍ତ ସମୟଟି ଆସିବ, ସେହି ସମୟ ଆସିପାରେ ବୋଲି କଳ୍ପନା କରିହେଉଛି, ସେତେବେଳେ ମୋ'ର ପରାମର୍ଶକୁ ମୁଁ କଦାପି କାହାରି ଅନୁମାନ ଉପରେ ଛାଡ଼ିଦେବି ନାହିଁ, ମାତ୍ର ତାହାକୁ ନିର୍ଭୁଲ ଭାଷାରେ ଅବଶ୍ୟ ପ୍ରଦାନ କରାଯିବ ।

ସମସ୍ତେ ଦିନେ ନା ଦିନେ ମରିବେ । କେବେ ମୃତ୍ୟୁ ହାତରୁ ରକ୍ଷା ପାଇବେ ନାହିଁ । ତେବେ ତାକୁ ଆଉ ଭୟ କରିବା କାହିଁକି ? ବସ୍ତୁତଃ, ମୃତ୍ୟୁ ହେଉଛି ଗୋଟିଏ ବନ୍ଧୁ ଯିଏକି ସକଳ ଦୁଃଖ ଭୋଗରୁ ନିଷ୍କୃତି ଆଣି ଦେଇଥାଏ ।

# ସ୍ୱର୍ବେଦ




ତୂମ୍ଭେ ସନ୍ତ ସମାନ ହେଁ, ଭଓ୍ୱ ଜଲ ବୂଡ଼ତ ନାହିଁ ।
ତୈରତ ଜଲ କିରିଡ଼ା କରେଁ, ନିରାସକ୍ତ ଜଗ ମାହିଁ ।।୪୯।।

ଭାଷ୍ୟ - ସନ୍ଥଜନ ଜଳରେ ତୁମ୍ବା ସମାନ ଅଟନ୍ତି । ସେମାନେ ଭବସାଗରରେ ବୁଡ଼ନ୍ତି ନାହିଁ । ସେମାନେ ଜଳରେ ସନ୍ତରଣ କଲା ଭଳି ସଂସାର ସାଗରରେ ଅନାସକ୍ତ ହୋଇ କ୍ରୀଡ଼ା କରିଥାନ୍ତି ।

ଆଶ୍ରୟ ପ୍ରାଣ ଶରୀର ହୈ, ଚଲତ ଫିରତ ବଲ ପାୟ ।
ଜୀଓ୍ୱ ପ୍ରାଣ ସେ ପୃଥକ କର, ପ୍ରାଣକ ମୁକ୍ତ କରାୟ ।।୫୦।।

ଭାଷ୍ୟ - ଏହି ଶରୀର ପ୍ରାଣର ଅଧୀନ ଅଟେ । ତାହା ଦ୍ୱାରା ଏହା ଆତଯାତ କ୍ରିୟା ଭଳି ନାନାଦି କର୍ମ କରିଥାଏ । ଏହି ଶରୀରରୁ ପ୍ରାଣ ହିଁ ଅଲଗା କରିଥାଏ ଏବଂ ତାହା ଏହି ଶରୀରରୁ ମୁକ୍ତି ମଧ୍ୟ ପ୍ରଦାନ କରିଥାଏ ।

କଓ୍ୱନ ପ୍ରାଣ ଓ୍ୱହ ମୁକ୍ତି ଦେ, କଓ୍ୱନ ବଜାୟେ ନାଦ ।
କୈସେ ନାଦ ବଜାଓ୍ୱତା, କଓ୍ୱନ ସରସ ଓ୍ୱହ ସ୍ୱାଦ ।।୫୧।।

ଭାଷ୍ୟ - କେଉଁ ପ୍ରାଣ ଏହି ଶରୀରରୁ ଜୀବାତ୍ମାକୁ ମୁକ୍ତ କରେ ଏବଂ କେଉଁ ବ୍ରହ୍ମାଣ୍ଡୀ ନାଦମାନଙ୍କୁ ବାଦନ କରିଥାଏ । କେମିତି ସେହି ଅନହଦ ଧ୍ୱନିକୁ ବାଦନ କରିଥାଏ ଆଉ ସରସ ଅନହଦ ଧ୍ୱନିର ସ୍ୱାଦ କିଏ ନେଇଥାଏ ?

କୟ ପ୍ରକାର ଅନହଦ ଘୁରୈ, କଓ୍ୱନ କଓ୍ୱନ ହୈ ଠାମ ।
ସପ୍ତ ପ୍ରାଣ ବ୍ରହ୍ମାଣ୍ଡ ମେଁ, କହାଁ କଓ୍ୱନ ଓ୍ୱେ କାମ ।।୫୨।।

ଭାଷ୍ୟ - ସମଗ୍ର ବ୍ରହ୍ମାଣ୍ଡରେ କେତେ ପ୍ରକାରର ଅନହଦ ବାଜିଥାଏ ? ବ୍ରହ୍ମାଣ୍ଡରେ ସେଗୁଡ଼ିକର କେଉଁ କେଉଁ ସ୍ଥାନ ରହିଛି ? ଏବଂ ବ୍ରହ୍ମାଣ୍ଡରେ ସପ୍ତପ୍ରାଣ କେଉଁ କେଉଁଠାରେ ବିଦ୍ୟମାନ ଏବଂ ସେଗୁଡ଼ିକର କାମ କ'ଣ ? ଏଗୁଡ଼ିକୁ ବତାଇ ଦିଅନ୍ତୁ ।

ସୁରତି ପ୍ରକଟ ଅନହଦ କରେ, ପ୍ରାଣ ବଜାଓ୍ୱେ ନାଦ ।
ଘଟ ଅନ୍ଦର ୟହ ଓ୍ୱାଦ୍ୟ ହୈ, ଅନ୍ତର ଗତି ଗମଓ୍ୱାଦ ।।୫୩।।

ଭାଷ୍ୟ - ସୁରତି ଆତ୍ମାର ଶକ୍ତି ଏବଂ ଚେତନ ରଶ୍ମି ଅଟେ । ତାହା ସ୍ଥିର ହେବା ପରେ ବ୍ରହ୍ମାଣ୍ଡରେ ବ୍ରହ୍ମାଣ୍ଡୀ ଶବ୍ଦ ଶୁଣାଯାଏ । ସେଥିପାଇଁ ବ୍ରହ୍ମାଣ୍ଡୀ ବାଦ୍ୟକୁ ଆତ୍ମ ଚେତନା ପ୍ରକଟ କରିଥାଏ । ଉପରୋକ୍ତ ଦୋହାରେ ଏ ସମ୍ପର୍କରେ କୁହାଯାଇଛି । ବ୍ରହ୍ମାଣ୍ଡୀ ପ୍ରାଣ ହିଁ ସମସ୍ତ ନାଦକୁ ବଜାଇଥାଏ । ଏହି ବାଦ୍ୟ ଶରୀରର ଆଭ୍ୟନ୍ତରରେ ରହିଛି । ଅନ୍ତର ଭେଦ ଦ୍ୱାରା ଯେତେବେଳେ ଏହି ପ୍ରଦେଶରେ ଆତ୍ମ ଚେତନା ସ୍ଥିର ହୁଏ, ସେତେବେଳେ ତାହା ଦ୍ୱାରା ବ୍ରହ୍ମାଣ୍ଡର ଅନେକ ସ୍ଥାନରେ ସେହି ଅନହଦ ଧ୍ୱନି ଶ୍ରବଣ ହୋଇଥାଏ ।

# ସ୍ୱାସ୍ଥ୍ୟପ୍ରଦ ଲେମ୍ବୁପାଣି



**ଲେମ୍ବୁ** ପାଣିରେ ଅନେକ ପ୍ରକାର ଉପକାରୀ ଗୁଣ ରହିଛି । ଏହାକୁ ନିୟମିତ ପିଇଲେ ତାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଏହି ପାଣିରେ ଭିଟାମିନ୍ 'ସି' ସହ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରି ରହିଛି । ଲେମ୍ବୁପାଣି ପିଇଲେ ତାହା ସଂକ୍ରମଣ (ଇନ୍‌ଫେକଶନ) ଆଶଙ୍କା କେତେକାଂଶରେ କମାଇଥାଏ । ସବୁଠାରୁ ଖାସ୍ କଥା ହେଲା, ଏହି ପାଣି ପେଟଜନିତ ସମସ୍ୟା ପାଇଁ ବେଶ୍ ଉପକାରୀ । ଏଥିରେ ଫ୍ଲାଭୋନାଏଡ୍ ନାମକ ତତ୍ତ୍ୱ ରହିଛି, ଯାହା ପେଟଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ । ପ୍ରତିଦିନ ଗ୍ଲାସେ ଉଷୁମ ପାଣିରେ ଲେମ୍ବୁ ଚିପୁଡି ସେଥିରେ ମହୁ ମିଶାଇ ପିଅନ୍ତୁ । ଏହା ଶରୀରରେ ଚର୍ବି ଅଂଶକୁ ସନ୍ତୁଳିତ ରଖିଥାଏ । ତା'ସହ ଉଚ୍ଚ ରକ୍ତଚାପ ରୋଗୀ ଏହାକୁ ପିଇଲେ ତାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖେ । ଲେମ୍ବୁ ପାଣିରେ ଥିବା ସାଇଟ୍ରିକ ଏସିଡ୍ ଏବଂ ଭିଟାମିନ୍ 'ସି' ଅସ୍ଥିକୁ ମଜଭୂତ ରଖିଥାଏ । ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖେ ଲେମ୍ବୁପାଣି ।

# ମାସ ଶ୍ରେଷ୍ଠ...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ସ୍ୱତନ୍ତ୍ର ଭୋଗ: ମିଠା ପଲାଉ, ଶାଗ ମୁଗ ଡାଲମା, କଦଳୀ ମୁଗ ତରକାରୀ, କ୍ଷୀରି, କାକରା, ଚକୁଳି, ବୁଢ଼ା ଚକୁଳି, ପୋଡପିଠା । ଆଦିବାସୀ ପାଳନ୍ତି ମାଣଓଷା: ଏହି ପର୍ବ ସମାନ ବିଧିରେ ଓଡ଼ିଶାର ବିଭିନ୍ନ ଆଦିବାସୀ ସମାଜରେ ମଧ ପାଳନ ହୋଇଥାଏ । ସାନ୍ତାଳମାନେ 'ଇରୁ ମାମଣେ' ଭୂୟାଁମାନେ ଗୁରୁଶୀର ଗୁରୁବାର ହଳବା, ହୋ ମାନେ ମଧ ଲକ୍ଷ୍ମୀ ପୂଜା କରିଥାନ୍ତି । ଏହି ସମୟରେ ସନ୍ତାନସନ୍ତତି ନଥିବା ନାରୀମାନେ ସନ୍ତାନ ପ୍ରାପ୍ତି ଆଶାରେ କାଞ୍ଜିଅଁଳା ବା ଶୁଖୁଆ ବୋହୁଙ୍କୁ ନେଇ ଷଠି ଓଷା ପାଳନ କରିଥାନ୍ତି । ମାର୍ଗଶିରରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାସାର କହିଥିଲେ । ଏଣୁ ଏ ମାସରେ ଗୀତାର ଗୋଟିଏ ଅଧ୍ୟାୟ ପଢ଼ିବା ଓ ବୁଝିବା ଉଚିତ୍ । ଦେବତାମାନଙ୍କ ପାଇଁ ଏକ ବର୍ଷକୁ ଏକ ଦିନ ଗଣା ଯାଉଥିବା ବେଳେ ମାର୍ଗଶିର ହେଉଛି ଦିନର ବ୍ରାହ୍ମମୁହୂର୍ତ୍ତ । ଏହି ମୁହୂର୍ତ୍ତରେ ମାନବ ଲୋକରେ ଏହି ମାସରେ ଐଶ୍ୱରୀୟ ଗୁଣ ବୃଦ୍ଧି ପାଇଥାଏ । ତେଣୁ ଈଶ୍ୱର ପ୍ରାପ୍ତି ଲାଗି ଏହି ପ୍ରକୃଷ୍ଟ ସମୟ । ତିନି ଧୂପ: ପୂଜା କାଳରେ ଧୂପ, ଦୀପ ଓ ନୈବେଦ୍ୟ ଆଦି ଅର୍ପଣ କରାଯାଇଥାଏ ମା' ଲକ୍ଷ୍ମୀଙ୍କ ନିକଟରେ । ପିଠାପଣା ଓ ଫଳମୂଳ ଭୋଗ (କଦଳୀ ଛେନା, ନଡିଆ, ଗୁଡ, ଗୋଲ ମରିଚ ଓ ଅନ୍ୟାନ୍ୟ ଫଳ) ଲକ୍ଷ୍ମୀଙ୍କ ପାଖରେ ଲଗାଯାଏ । ଏଥି ସହିତ ମଣ୍ଡା ପିଠା ତିଆରି କରାଯାଇ ଭୋଗ ଦିଆ ଯାଇଥାଏ । ବିଭିନ୍ନ ପାଳିରେ ଭିନ୍ନ ଭିନ୍ନ ପିଠାପଣା ପ୍ରସ୍ତୁତ କରି ଲକ୍ଷ୍ମୀଙ୍କୁ ଲାଗି କରାଯିବା ବିଧି ମଧ ରହିଛି । ଲକ୍ଷ୍ମୀଙ୍କୁ ଧୂପ, ଦୀପ, ନୈବେଦ୍ୟ ସହ ବାଳ ଭୋଗରେ ଛେନା, ଗୁଡ, ନଡିଆ, କଦଳୀକୁ ଚକଟି ଭୋଗ ଲାଗି କରାଯାଇଥାଏ । ୩ ଧୂପ ମଧରୁ ଏହାକୁ ବାଳଧୂପ କୁହାଯାଏ । ଏହାପରେ ମଧାହ୍ନ ଧୂପ ପାଇଁ ପ୍ରସ୍ତୁତ ଆରମ୍ଭ ହୁଏ । ମଧାହ୍ନରେ ଶଙ୍ଖୁଡି ଧୂପରେ ଲାଗି ହେବା ପାଇଁ ଖିରି ବା ତରଣ, ଚକୁଳି ପିଠା, ତରକାରି ଇତ୍ୟାଦି ପ୍ରସ୍ତୁତ କରାଯାଇ ଶ୍ରଦ୍ଧାର ସହ ଭୋଗ ଲାଗାଯାଏ । ମଧାହ୍ନ ଭୋଗ ପରେ ମା'ଙ୍କ ସମ୍ମୁଖରେ ଲକ୍ଷ୍ମୀ ପୁରାଣ ବୋଲା ଯାଏ । ସନ୍ଧ୍ୟା ପୂଜା କରାଯାଏ । ୨ ୟ ଗୁରୁବାରରେ ଚିତଉପିଠା, ଦହି, ପଖାଳ, ୩ୟରେ ଖେଚୁଡି ଡାଲମା ଏବଂ ୪ର୍ଥରେ ମଣ୍ଡା ପିଠା ଭୋଗ ଲାଗି ହୋଇଥାଏ । ଶେଷ ଗୁରୁବାର: ମାର୍ଗଶିର ମାସର ଶେଷ ଗୁରୁବାର ଦିନ ବ୍ରତ ସାରି ମା'ଙ୍କୁ ଉଜାପନ କରାଯାଇ ଥାଏ । ଏହିଦିନ ପୂର୍ବଭଳି ସମସ୍ତ ନୀତିରେ ମାଣ ବସାଇ ମଣ୍ଡାପିଠା ଓ ଖିରି ଭୋଗ କରାଯାଇଥାଏ । ସଞ୍ଜ ଭୋଗ ପରେ ସେହି ମାଣରେ ଥିବା ଧାନକୁ ଆଉ ଏକ ମାଟି ପାତ୍ରରେ ରଖାଯାଇଥାଏ । ପୂଜାର ଅନ୍ୟ ସମସ୍ତ ସଜକୁ ଅତି ଯତ୍ନରେ ନିକଟସ୍ଥ ପୋଖରୀ କିମ୍ବା ନଦୀରେ ବିସର୍ଜନ କରି ଦିଆଯାଇଥାଏ । ମାଣ ଧାନ କ୍ଷୀରି, ପୂଜାରେ ବ୍ୟବହୃତ ଧାନକୁ କୁଟି ସେହି ଚାଉଳରେ କ୍ଷୀରି ବା ଜାଉ ରାନ୍ଧି କେବଳ ଘର ଲୋକଙ୍କ ମଧରେ ରଖାଯାଏ । ଏହିପରି ଲକ୍ଷ୍ମୀଙ୍କୁ ଆବାହନ କରିବା ଠାରୁ ବିସର୍ଜନ କରାଯିବା ପର୍ଯ୍ୟନ୍ତ ସମସ୍ତ ବିଧିକୁ ପାଳନ କରି ଘରର ଉନ୍ନତି କାମନା କରାଯାଇଥାଏ । ମାଣ ଖଟୁଳି: ମାଣ ଖଟୁଳି ଉପରେ ଏକ ନୂଆ ମାଣରେ ଧଳାଧାନ ଭରି ରଖାଯାଏ । ହଳଦୀ ଓ ଗୁଗୁଳ ଆଦି ମାଣ ଉପର ପାର୍ଶ୍ୱରେ ଲେପ ଦିଆଯାଏ । ଯାହା ଏକ ମୁହଁର ରୂପ ନେଇଥାଏ । ସେଥିରେ କଉଡିକୁ ଆଖି ଭାବେ ବ୍ୟବହାର କରି ନିଜର ସୃଜନ ଶୈଳୀଦ୍ୱାରା ମାଣକୁ ଏକ ସୁନ୍ଦର ମୁହଁର ରୂପ ଦେଇ ଖଟୁଲିରେ ରଖି ତା' ଉପରେ ଧାନର ମେଣ୍ଟକୁ ରଖାଯାଏ । ନାଲିଛିଟ ଓ ସୁନ୍ଦର ପାଟକନାରେ ଓଢ଼ଣୀ ଦେଇ ଏହାକୁ ଏକ ବନ ବଧୂର ସଦୃଶ କରାଯାଏ । କେହି କେହି ମାଣକୁ କାରିଗର ଦ୍ୱାରା ଗଢ଼ାଇ ସୋଲ ଓ ଅନ୍ୟାନ୍ୟ ଦ୍ରବ୍ୟରେ ସେଥିରେ ଆଖି, ନାକ, ସୁନ୍ଦର ଭାବେ ଗଢ଼ାଇଥାନ୍ତି । ମା' ଲକ୍ଷ୍ମୀଙ୍କର ଖଟୁଲି ବା ଅବସ୍ଥାନ ଚାରିପଟେ ଷୋହଳ ପାଖୁଡା ବିଶିଷ୍ଟ ପଦ୍ମ ଅଙ୍କନ କରାଯାଇଥାଏ । ଘରର ଚର୍ତୁଦିଗରେ ମା'ଙ୍କର ପଦ୍ମ ପାଦର ଚିତ୍ରା ଆସ୍ଥାନ ପର୍ଯ୍ୟନ୍ତ ଅଙ୍କା ଯାଇଥାଏ । ମାର୍ଗଶିରରେ ନଦୀ ସ୍ନାନ: ମାର୍ଗଶିରରେ ନଦୀ ସ୍ନାନ କଲେ ପୁଣ୍ୟ ଲାଭ ହୁଏ । ସ୍ନାନ ସମୟରେ ନାରାୟଣଙ୍କ ମନ୍ତ୍ର କିମ୍ବା ଗାୟତ୍ରୀ ମନ୍ତ୍ର ଜପ କଲେ ଲକ୍ଷ୍ମୀ ଓ ବିଷ୍ଣୁ କୃପା ଲାଭ ମିଳିଥାଏ ।

# ମାଣବସା ଗୁରୁବାର

**ଧର୍ମ** ମାସ କାର୍ତ୍ତିକ ଧରାରୁ ଗଲା ପରେ ମାର୍ଗଶୀର ପ୍ରବେଶ କରେ । ମାର୍ଗଶୀର ମାସର ପ୍ରତିଟି ଗୁରୁବାର ଏକ ସ୍ୱତନ୍ତ୍ର ପରିଚୟ ବହନ କରେ ।

ସମସ୍ତ ଓଡ଼ିଆଙ୍କ ପାଇଁ ମାଣବସା ଗୁରୁବାର ଏକ ପ୍ରଧାନ ଉତ୍ସବ । ଓଡ଼ିଆ ପଞ୍ଜିକା ଅନୁଯାୟୀ ମାର୍ଗଶୀର ମାସ ଗୁରୁବାରରେ ମା' ଲକ୍ଷ୍ମୀଙ୍କୁ ପୂଜା କରାଯାଏ । ବିଶ୍ୱାସ ରହିଛି, ଧନ ଏବଂ ସମ୍ପଦର ଦେବୀ ମା' ଲକ୍ଷ୍ମୀ ମାର୍ଗଶୀର ମାସ ଗୁରୁବାରରେ ପ୍ରତି ଘରକୁ ଆସିଥାନ୍ତି । ଲକ୍ଷ୍ମୀ ପୁରାଣ' ଉପରେ ଆଧାରିତ ମାଣବସା ଗୁରୁବାରର କିମ୍ବଦନ୍ତୀ କହେ ପ୍ରାଚୀନ କାଳରେ ଅସ୍ପୃଶ୍ୟମାନଙ୍କୁ ଏହି ପୂଜା କରିବାକୁ ଦିଆଯାଏନା । କିନ୍ତୁ ସେହି ସମୟରେ ଶ୍ରୀୟା ନାମକ ଜଣେ ଅସ୍ପୃଶ୍ୟ ମହିଳା ମା' ଲକ୍ଷ୍ମୀଙ୍କ ପୂଜା କରି କୃପା ଲାଭ କରିଥିଲା । କିନ୍ତୁ ଲକ୍ଷ୍ମୀ ଅସ୍ପୃଶ୍ୟମାନଙ୍କୁ ପୂଜା ପ୍ରାର୍ଥନା କରିଥିବାର ଅନୁମତି ଦେଇଥିବାରୁ ଏବଂ ମର୍ତ୍ତ୍ୟରେ ଥିବା ବାଛବିଚାର ବାଦ୍ ଦେଇ ଚଣ୍ଡାଳୁଣୀ ଘରକୁ ଯାଇଥିବାରୁ ପ୍ରଭୁ ଜଗନ୍ନାଥ ବଡଭାଇ ବଳଭଦ୍ରଙ୍କ କଥାରେ ତାଙ୍କୁ ବଡ଼ ଦେଉଳରୁ ବାହାର କରିଦେଲେ । ଲକ୍ଷ୍ମୀ ଜଗନ୍ନାଥଙ୍କ ଗୃହରୁ ବାହାରିଯିବାରୁ ଲକ୍ଷ୍ମୀଛଡ଼ା ହୋଇ ଉଭୟ ଜଗନ୍ନାଥ ଏବଂ ବଳରାମ ଅନେକ କଷ୍ଟରେ ଗତି କଲେ । ବିନା ଅନ୍ନଜଳରେ ସେମାନଙ୍କ ଅବସ୍ଥା ସାଂଘାତିକ ହୋଇଗଲା । ତେବେ ଲକ୍ଷ୍ମୀଙ୍କ କ୍ରୋଧର ପ୍ରଭାବ ଦୁଇଭାଇଙ୍କ ଉପରେ ୧୨ ବର୍ଷ ପର୍ଯ୍ୟନ୍ତ ରହିଥିଲା । ଏହା ପରେ ଲକ୍ଷ୍ମୀଙ୍କ ହାତରୁ ଖାଦ୍ୟଗ୍ରହଣ କରି ଦୁର୍ଦ୍ଦଶାରୁ ମୁକ୍ତି ପାଇଥିଲେ ଦୁଇଭାଇ । ୧୨ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଅବସ୍ଥା ଖୁବ୍ କଷ୍ଟଦାୟକ ଥିଲା । ତେଣୁ ସେମାନେ ଲକ୍ଷ୍ମୀଙ୍କ ଗୁରୁତ୍ୱ ବୁଝିପାରି ତାଙ୍କୁ ନିଜ ଘରକୁ ଫେରାଇ ଆଣିବାର ଇଚ୍ଛା ପ୍ରକାଶ କଲେ । ହେଲେ ଲକ୍ଷ୍ମୀ ଜଗନ୍ନାଥଙ୍କ ଗୃହକୁ ଫେରିବା ପାଇଁ ଏକ ସର୍ତ୍ତ ରଖିଲେ ଏବଂ ସେହି ସର୍ତ୍ତଟି ହେଉଛି ପୃଥିବୀରେ ଜାତିଭେଦର ପକ୍ଷପାତିତା ରହିବ ନାହିଁ । ନାରୀଜାତିକୁ ସମ୍ମାନ ମିଳିବ । ସେବେଠାରୁ ଭଗବାନଙ୍କ ଆଗରେ ସମସ୍ତେ ସମାନ ହେଲେ ।

ମହାଲକ୍ଷ୍ମୀ ପରିଷ୍କାର ପରିଚ୍ଛନ୍ନତାକୁ ପସନ୍ଦ କରୁଥିବାରୁ ଏହି ସମୟରେ ଘରଗୁଡିକୁ ଭଲଭାବେ ଧୁଆଲିପା କରାଯାଏ । ମାର୍ଗଶରୀରର ପ୍ରତ୍ୟେକ ଗୁରୁବାରରେ ଓଡ଼ିଆ ନାରୀମାନେ ମା'ଙ୍କୁ ଅତ୍ୟନ୍ତ ଭକ୍ତିର ସହ ପୂଜା କରିଥାନ୍ତି । ତାଙ୍କୁ ସ୍ୱାଗତ କରିବା ପାଇଁ ଘର ଆଗେର ଚିତା ଅଙ୍କାଯାଏ । ପ୍ରତି ଗୁରୁବାରରେ ମହିଳାମାନେ ବଡି ଭୋର୍ ସମୟରୁ ଉଠି ଘରଧୋଇ ପୂଜା କାର୍ଯ୍ୟରେ ଲାଗିପଡନ୍ତି । ବିଶ୍ୱାସ କରାଯାଏ, ଯେଉଁ ଘର ଅପରିଷ୍କାର ହୋଇଥାଏ ସେହି ଘରକୁ ମା' ଲକ୍ଷ୍ମୀ ଆଦୌ ଯାଇ ନ ଥାନ୍ତି । ଘରର ଦ୍ୱାର ବନ୍ଧଗୁଡିକରେ ଚିତା ଅଙ୍କାଯାଏ । ଧାନ ମାପିବା ପାଇଁ ବ୍ୟବହୃତ ଗଉଣିକୁ ଧୋଇ ଚିତାରେ ସଜାଇ ମାଣ କରାଯାଏ । ନୂଆ ଅମଳ ହୋଇଥିବା ଧାନରେ ଏହାକୁ ଭର୍ତ୍ତି କରାଯାଇ ପୂଜା କରାଯାଏ । ଏହି ପୂଜାରେ ମଣ୍ଡା ପିଠା, କ୍ଷୀରି, କାକରା, ଚିତଉ ଆଦି ପ୍ରସ୍ତୁତ କରାଯାଇ ମା'ଙ୍କ ପାଖରେ ପୂଜା କରିଥାନ୍ତି । ଲକ୍ଷ୍ମୀ ପୁରାଣ ମଧ ପଢ଼ାଯାଏ ଯେଉଁଥିରେ ନାରୀମାନେ କିପରି ସୁରୁଚିସମ୍ପନ୍ନ ହୋଇ ଚଳିବେ ତାହା ବର୍ଣ୍ଣନା କରାଯାଇଛି ।

## ଟିକିଏ ହସନ୍ତୁ

ସ୍ତ୍ରୀ: ତୁମେ ମତେ ରାଣୀ କାହିଁକି ଡାକୁଛ ?
ସ୍ୱାମୀ: କାରଣ ଚାକରାଣୀ ବହୁତ ଲମ୍ବା ଶବ୍ଦ ।
ସ୍ତ୍ରୀ: ମୁଁ ତୁମକୁ ଜାନ୍ କାହିଁକି ଡାକୁଛି ଜାଣିଛ ?
ସ୍ୱାମୀ: ନା ଜାଣିନି ।
ସ୍ତ୍ରୀ: ଜାନଓ୍ୱର ବହୁତ ଲମ୍ବା ଶବ୍ଦ ହୋଇଯାଉଛି । ସେଥିପାଇଁ ଜାନ୍ ।

× × ×



ସ୍ତ୍ରୀ: ଚାଲ ବଜାରକୁ ଯିବା ମତେ ନୂଆ ଶାଢ଼ି କିଣିବାର ଅଛି ।
ସ୍ୱାମୀ: ଆଲମାରିରେ ତ ଏବେ ଶାଢ଼ି ଅଛି ।
ସ୍ତ୍ରୀ: ଆରେ ସେ ଶାଢ଼ିକୁ ଗାଁର ସବୁ ମହିଳା ଦେଖି ସାରିଛନ୍ତି ।
ସ୍ୱାମୀ: ତା'ହେଲେ ଶାଢ଼ି କିଣିବାର କ'ଣ ଅଛି ? ଚାଲ ଆମେ ଗାଁ ବଦଳାଇ ଦେବା ।

× × × ×

ଭିକାରୀ: ସାର୍ ହାପି ନ୍ୟୁ ଇୟର ।
କାର୍ ମାଲିକ: ଏଇ ନିଅ ୧୦ ଟଙ୍କା ।
ଭିକାରୀ: ଏ କ'ଣ ସାର୍ ମତେ ୧୦ ଟଙ୍କା ପଛ ଷ୍ଟପେଜର ତ ଆପଣ ୧୦୦ ଟଙ୍କା ଦେଇଥିଲେ ।
କାର୍ ମାଲିକ: ତୁ କେମିତି ଜାଣିଲୁ ?
ଭିକାରୀ: ଏବେ ସେଇ ଭିକାରୀ ମତେ ଆପଣଙ୍କ କାର୍ ନମ୍ବର ହ୍ୱାଟସଆପରେ ମେସେଜ କରିଥିଲା ।

× × × × × ×

ଶିବା କ୍ଲାସରୁମରେ ବଦମାସି କରୁଥିଲା ।
ରଜତ: ଶିବା ତତେ ଟେବଲ ଉପରେ ଠିଆ ହେବାକୁ ପଡିବ ।
ଶିବା: ତୁ କିଏ ?
ରଜତ: ମୁଁ କ୍ଲାସର ମନିଟର ।
ଶିବା: ହାଃ ହାଃ ମନିଟର ଦିନ ଗଲାଣି ଏବେ ଲ୍ୟାପଟପ ଦିନ ।

× × × × × ×

ରାଜୁ କହିଲା, ଆରେ ପପୁ କହିଲୁ ଶାନ୍ତି କେଉଁଠି ଦେଖିବାକୁ ମିଳେ ?
ପପୁ: ଆରେ ଏତିକି ଜାଣି ପାରୁନୁ, ଯେଉଁ ଘରେ ପତି ପତ୍ନୀ ଅଧିକ ମୋବାଇଲ ଦେଖୁଥିବେ ।

× × × × × ×

ଶିକ୍ଷକ ଛାତ୍ରଙ୍କୁ ଆଛା ପିଲା କହିଲ, ଏମିତି ଏକ ଜିନିଷ ଯାହାକୁ ଟାଣିଲେ ଛୋଟ ହୋଇଯାଏ ।
ରାଜୁ: ସାର୍ ସିଗାରେଟ୍ ।
ପଛରୁ ବାଜିଲା ଧାଏଁ ଧାଏଁ ଏଇୟା ଶିଖିଛୁ ।

× × × × × ×

ସୋନୁ: ଭଗବାନଙ୍କୁ ପ୍ରାର୍ଥନା କରି କହିଲା, ହେ ଭଗବାନ ମତେ ଗୋଟେ ପଇସା ଭରା ବ୍ୟାଗ୍, ଗୋଟେ ଚାକିରି ଓ ଏକ ବଡ଼ ଗାଡି ଦିଅ, ଯେଉଁଥିରେ ଝିଅ ଭରି ରହିଥିବେ ତାହା ଦେଇ ଦିଅ !

× × × × ×

ରାସ୍ତାରେ ଜଣେ ଯୁବତୀ ପଛରେ ଧଇଁ ସଇଁ ହୋଇ ଦୌଡି ଦୌଡି ପହଞ୍ଚି କହିଲା, ହେଇଟି ଶୁଣୁଚ, ମୁଁ ତୁମ ସହିତ ବନ୍ଧୁତା କରିବାକୁ ଚାହୁଁଛି ?
ଯୁବତୀ: ଆରେ ମୋର ତୁମ ସହିତ ଶତ୍ରୁତା କେବେ ଥିଲା ଯେ ଭାଇ ?

# ଗେଣ୍ଡୁଫୁଲର ଉପକାରିତା

ଗେଣ୍ଡୁଫୁଲର ରସ ହୃଦୟ ରୋଗ ଓ ଷ୍ଟ୍ରୋକ ନ ହେବା ପାଇଁ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ଗେଣ୍ଡୁଫୁଲରେ ଥିବା କ୍ୟାରୋଟିନାଏଡ ଓ ଗ୍ଲାଇକୋସାଇଡ ପଦାର୍ଥ ଚେହେରାରେ କୁଞ୍ଚନ ଓ ବ୍ରଣକୁ ହଟେଇବାରେ ସାହାଯ୍ୟ କରିଥାଏ ।

ଗେଣ୍ଡୁଫୁଲରେ ଆଣ୍ଟି ଇନଫ୍ଲେମେଣ୍ଟି ଗୁଣ ରହିଛି । ଏହାର ତେଲରେ ଜଏଣ୍ଟ ସ୍ଥାନକୁ ମାଲିସ କରିବା ଦ୍ୱାରା ଆର୍ଥରାଇଟିସର ବ୍ୟଥା କମ୍ ହୋଇଥାଏ ।

ଅର୍ଶ ରୋଗ ପାଇଁ ଅଳ୍ପ ଗେଣ୍ଡୁଫୁଲର ପତ୍ରକୁ ପେସି ତାର ରସରେ ଗୋଲମରିଚ ଗୁଣ୍ଡ ଓ ଲୁଣ ମିଶାଇ ପିଇଲେ ଏହି ସମସ୍ୟାରୁ ଆରାମ ମିଳିଥାଏ ।

ଗେଣ୍ଡୁ ଗଛର ପତ୍ରକୁ ମହମ ସହିତ ମିଶାଇ ଗରମ କରନ୍ତୁ । ଏହାକୁ ପାଦ ଫାଟିଥିବା ସ୍ଥାନରେ ଲଗାଇଲେ ଲାଭ ମିଳିବ ।



ଗେଣ୍ଡୁଫୁଲରେ ପ୍ରସ୍ତୁତ ତେଲ ଚେହେରାରେ ମାଲିସ କରିବା ଦ୍ୱାରା ସ୍କିନରେ ରକ୍ତ ସଞ୍ଚାର କ୍ଷମତା ବୃଦ୍ଧି ପାଇଥାଏ ଓ ସ୍କିନରେ ଚମକ ମଧ ଆସେ ।

ଗେଣ୍ଡୁ ଫୁଲର ତେଲରେ ଆର୍ଣ୍ଟିସେପ୍ଟିକ ଓ ଆଣ୍ଟିମାଇକ୍ରୋବିୟଲ ଗୁଣ ଥାଏ । ସାଧାରଣ ଘା' କିମ୍ବା ପୋଡା ଘା'ରେ ଏହି ତେଲ ଲଗାଇଲେ ଘା' ସହଜରେ ଶୁଖିଯାଏ । ଗେଣ୍ଡୁଫୁଲରେ ତିଆରି କ୍ରିମକୁ ମଧ ଘା'ରେ ଲଗାଇ ପାରିବେ । ଯଦି କୌଣସି ପୋକ କାମୁଡିଥାଏ ତେବେ ଏହାର ତେଲ ବା କ୍ରିମ୍ ଲଗାଇଲେ ଉପକାର ମିଳିବ ।

ପାଚନ ପ୍ରକ୍ରିୟାରେ ଗେଣ୍ଡୁଫୁଲ ସାହାଯ୍ୟ କରେ । ଅନେକବାର ଆମେ ଅନିୟମିତ ଖାଦ୍ୟ ଓ ଫାଷ୍ଟଫୁଡ ଖାଇବା ଦ୍ୱାରା ପେଟରେ ହେଉଥିବା ଯନ୍ତ୍ରଣା ମଧ ଏହାର ସେବନ କରିବା ଦ୍ୱାରା ଦୂର ହୋଇଥାଏ । ଏସିଡିଟି ବା ବଦହଜମୀ ହୋଇଥିଲେ ଗେଣ୍ଡୁଫୁଲ ରସ ସେବନ କରନ୍ତୁ । ଏହି ସମସ୍ୟାରେ ଏହା ଫାଇଦା କରିଥାଏ ।

ଏହାକୁ ମିଶ୍ରି ସହିତ ଖାଇଲେ ଶ୍ୱାସ କାଶର ସମସ୍ୟା ଦୂର ହୋଇଥାଏ । ଏହାର ପାଖୁଡାକୁ ପେସି ଫୁଲିଥିବା ସ୍ଥାନରେ ଲଗାଇଲେ ଫୁଲିବା ମଧ କମିଯାଏ ।

## ଆପଣ ଜାଣନ୍ତି କି ?

- ୧୮୬୫ ମସିହାରେ ତରଳ ସାବୁନ ବା ଲିକ୍ୱିଡ ସୋପ ପ୍ରସ୍ତୁତ କରିଥିଲେ ଆମେରିକାର ନାଗରିକ ୱିଲିୟମ ସେଫାର୍ଡ ।
- ଇଂଲଣ୍ଡରେ ୧୭୧୨ ମସିହାରେ ସାବୁନ ଉପରେ ଲାଗିଥିବା ଟ୍ୟାକ୍ସ, ଯାହାକୁ ୧୮୩୫ ରେ ପ୍ରତ୍ୟାହାର କରାଯାଇଥିଲା ।
- ୨୦୦୨ ମସିହାରେ ବ୍ରିଟେନରେ ସାବୁନ ଯୋଗୁଁ ହୋଇଥିବା ଦୁର୍ଘଟଣାରେ ୫୯୫ ଜଣଙ୍କର ମୃତ୍ୟୁ ଘଟିଥିଲା ।
- ଆମେରିକାର ଗ୍ୟାଙ୍ଗଷ୍ଟର ତଥା ଠକ ସୋପି ସ୍ମିଥ୍ ସାବୁନ ନାମ ଅନୁସାରେ ତା'ର ନାମ ରଖିବାର କାରଣ ସେ ପ୍ରଥମେ କେବଳ ସାବୁନ ତସ୍କରୀ କରୁଥିଲା ।
- ସାରା ବିଶ୍ୱରେ ପ୍ରଥମେ ବେବିଲୋନ ସଭ୍ୟତାର ଲୋକମାନେ ସାବୁନର ଆବିଷ୍କାର କରିଥିଲେ ।
- ଏହାର ବ୍ୟବହାର କରିଥିଲେ ଖ୍ରୀଷ୍ଟପୂର୍ବ ୨୮୦୦ ସମୟରୁ ।
- ୧୭୬୪ ରେ ଭାରତର ବମ୍ବେଠାରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ପ୍ରଥମ ଥର ଡାକଘର ପ୍ରତିଷ୍ଠା ହୋଇଥିଲା ।
- ୧ ଅକ୍ଟୋବର, ୧୮୫୪ ରେ ସର୍ବଭାରତୀୟ ସ୍ତରରେ ପ୍ରଥମ ଥର ପାଇଁ ଡାକ ଟିକଟ ଜାରି କରାଯାଇଥିଲା । ସ୍ୱାଧୀନ ଭାରତରେ ପ୍ରଥମେ ୨୧ ନଭେମ୍ବର, ୨୯୪୭ ରେ ଡାକ ଟିକଟ ଜାରି କରାଗଲା । ୧୫ ଅଗଷ୍ଟ ୧୯୭୨ ରେ ପୋଷ୍ଟଲରେ ପିନକୋଡ ଓ ୧୮୮୦ ରେ ପ୍ରଥମେ ମନିଅର୍ଡର ବ୍ୟବସ୍ଥା ଆରମ୍ଭ ହୋଇଥିଲା ।

## ଅଣ୍ଟା ବିନ୍ଧା ଓ ମୋବାଇଲ୍

ମୋବାଇଲ ବ୍ୟବହାର ଆଜିକାଲି ପ୍ରାୟ ସମସ୍ତଙ୍କର ଜୀବନର ଏକ ଅଙ୍ଗ ପାଲଟି ଗଲାଣି । ହେଲେ ଆବଶ୍ୟକତା ଠାରୁ ଏଥିସହ ଅଧିକ ସମୟ ଜଡିତ ରହିଲେ ତାହା କେତେକ ସମସ୍ୟାକୁ ଡାକି ଆଣିଥାଏ । ଏହି ତାଲିକାରେ ନିକଟରେ ଆଉ ଏକ ସ୍ୱାସ୍ଥ୍ୟ ସମସ୍ୟାକୁ ସାମିଲ କରାଯାଇଛି । ତାହା ହେଲା ଅଣ୍ଟା ବିନ୍ଧା । ନିକଟରେ ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଏଭଳି ତଥ୍ୟ ଲୋକଲୋଚନକୁ ଆସିଛି । ଅଧିକାଂଶ ସମୟ ମୋବାଇଲ ବ୍ୟବହାର କରୁଥିବା କେତେକ ବ୍ୟକ୍ତିଙ୍କର ଅଣ୍ଟାଜନିତ ସମସ୍ୟା ରହିଛି କି ନାହିଁ ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ଏମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କଠାରେ ଅଣ୍ଟାଜନିତ ସମସ୍ୟା ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଯେଉଁମାନେ ଅଧିକାଂଶ ସମୟ ମୋବାଇଲ ସହ ଜଡ଼ିତ ରହନ୍ତି ସେମାନେ ପ୍ରାୟ ଗୋଟିଏ ସ୍ଥାନରେ ବସି ରହିଥାଆନ୍ତି । ଏହାର ପ୍ରଭାବ ଅଣ୍ଟା ଉପରେ ପଡ଼ିଥାଏ ଏବଂ ପରବର୍ତ୍ତୀ ସମୟରେ ସେମାନେ ଅଣ୍ଟାଜନିତ ସମସ୍ୟାର ସମ୍ମୁଖୀନ ହୋଇ ଥାଆନ୍ତି । ତେଣୁ ଯଦି ଆପଣ କିଛି ସମୟ ଗୋଟିଏ ସ୍ଥାନରେ ବସିରହି ମୋବାଇଲ ଦେଖୁଛନ୍ତି ତେବେ ନିୟମିତ ସମୟ ଅନ୍ତରାଳରେ ଉଠି ଟିକେ ଚଲାବୁଲା କଲେ ଅଣ୍ଟାକୁ ଆରାମ ଲାଗିଥାଏ ।



## ଶୀତକୁ ହିତ ମେଥି ଶାଗ

ଆମ ଓଡ଼ିଆ ଘରେ ମେଥି ଶାଗକୁ ବ୍ୟବହାର କରି ବିଭିନ୍ନ ପ୍ରକାର ତରକାରି ରନ୍ଧାଯାଏ । ଉତ୍ତର- ଭାରତରେ ମେଥି ଶାଗର ଚାହିଦା ଶୀତଦିନେ ଦୁଇଗୁଣ ବଢ଼ିଯାଏ । ସେଠି ଘରେଘରେ ଏଇ ଶୀତ ଋତୁରେ ମେଥି ପରଟା ତିଆରି କରି ଲୋକେ ଖାଆନ୍ତି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ, ଶୀତ ଆରମ୍ଭରୁ ମେଥି ଶାଗ ଖାଇଲେ ବହୁ ଉପକାର ମିଳେ । ପୋଷକତତ୍ତ୍ୱରେ ଭରପୂର ମେଥି ଶାଗ ଖାଇଲେ ଥଣ୍ଡା, ସର୍ଦ୍ଦିରୁ ରକ୍ଷା ମିଳିଥାଏ । ଶାଗରେ ଥିବା ଜୀବାଣୁ ପ୍ରତିରୋଧୀ ତତ୍ତ୍ୱ ଶରୀରକୁ ଶକ୍ତି ଯୋଗାଏ । ଶୀତଦିନେ ସହଜରେ ଖାଦ୍ୟ ହଜମ ହୁଏନି । ମେଥି ଶାଗ କିମ୍ବା ପରଟା ଖାଇଲେ ଆମ ପାଚନ ତନ୍ତ୍ରକୁ ମଧ ଶକ୍ତି ମିଳୁଥିବା ବିଶେଷଜ୍ଞ ଦଳ କହିଛନ୍ତି ।

ଏହି ଋତୁରେ କେଶଝଡ଼ା ସାଙ୍ଗକୁ ତ୍ୱଚା ସମସ୍ୟା ଦେଖାଦିଏ । ମେଥି ଶାଗ ସପ୍ତାହକୁ ଥରେ କିମ୍ବା ଦୁଇଥର ଖାଇଲେ କେଶ ଝଡ଼ା କମ୍ ହୁଏ ।



ମେଥି ଶାଗ ରସ ମଧ ଶରୀର ଉପରେ ଭଲ ପ୍ରଭାବ ପକାଏ । ସକାଳୁ ଉଠି ଗୋଟିଏ କପ୍ ଶାଗ ରସ ପିଇଲେ, ରକ୍ତସଞ୍ଚାଳନ ଠିକ୍ ଭାବେ ହୁଏ ।

## ଥାଇରଏଡ୍ ପାଇଁ ଉପକାରୀ ଭିଟାମିନ୍ 'ଇ'

ଥାଇରଏଡ ରୋଗୀଙ୍କ ପାଇଁ ଭିଟାମିନ୍ 'ଇ' ବେଶ୍ ଲାଭପ୍ରଦ ସାବ୍ୟସ୍ତ ହେଇଥାଏ । ଏପରି ଖାଦ୍ୟ ଶରୀରରେ ଲାଲ୍ ରକ୍ତ କୋଷିକା ଗଠନରେ ମଧ ସାହାଯ୍ୟ କରେ ।



ଆମ ଶରୀରରେ ପିଟ୍ୟୁଟାରୀ ଗ୍ରନ୍ଥି ଏବଂ ଥାଇରଏଡ ଗ୍ରନ୍ଥିର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ଏହା ସହାୟକ ମଧ ହୋଇଥାଏ । ଭିଟାମିନ୍ 'ଇ'ର ଆଉ ଏକ ଉପକାରୀ ଗୁଣ ରହିଛି । ଏହା ଆଲର୍ଜି ଭଳି ସମସ୍ୟାରୁ ରକ୍ଷା କରିଥାଏ । ଖାସ୍ କଥା ହେଲା ନିୟମିତ ଏପରି ଖାଦ୍ୟ ଖାଇଲେ ତାହା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଭିଟାମିନ 'ଇ' ଯୁକ୍ତ ଖାଦ୍ୟ ଆଣ୍ଟିଅକ୍ସିଡାଣ୍ଟ ପରି କାମ କରେ । ଏହା ଶରୀରରେ କୋଲେଷ୍ଟରଲ୍ ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ । ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ, ଚିନାବାଦାମ ଆଦିରୁ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ମିଳିଥାଏ ।

## କହିପାରିବେ କି ?

(୧) ମାନବ ଶରୀର ସବୁଠାରୁ ବଡ଼ ଅଂଶକୁ କ'ଣ କୁହାଯାଏ ?
(୨) ବୃକ୍ଷ ଜୀବନର ବୈଜ୍ଞାନିକ ଅଧ୍ୟୟନକୁ କ'ଣ କୁହାଯାଏ ?
(୩) କିଏ ସର୍ବପ୍ରଥମେ ଚନ୍ଦ୍ର ପୃଷ୍ଠକୁ ଯାତ୍ରା କରିଥିଲେ ?
(୪) ପୃଥିବୀ ପୃଷ୍ଠରେ ଥିବା ସବୁଠାରୁ ଦୀର୍ଘତମ ନଦୀର ନାମ କ'ଣ ?
(୫) ଥର୍ମୋମିଟର କ'ଣ ମାପିବା ପାଇଁ ବ୍ୟବହାର କରାଯାଇଥାଏ ?
(୬) କେଉଁ ଜିନିଷର ପ୍ରତିବନ୍ଧ ପାଇଁ ଔଷଧର ବ୍ୟବହାର କରାଯାଏ ?
(୭) କେଉଁ ଔଷଧ ପ୍ରଣାଳୀର ଆରମ୍ଭ ଭାରତରେ ହୋଇଥିଲା ?
(୮) ଭାରତରେ କାହା ସମ୍ମାନରେ ଡାକ୍ତର ଦିବସ ପାଳନ କରାଯାଏ ?
(୯) ଏକ ପ୍ରାଚୀନ ଗ୍ରନ୍ଥ ଯାହା ଔଷଧ ସହ ଜଡିତ । ଏହାର ନାମ କ'ଣ ?
(୧୦) ପ୍ଲାଷ୍ଟିକ୍ ସର୍ଜରିର ସ୍ରଷ୍ଟା କିଏ ?

### JUMBLE WORDS

| | | | |
|---|---|---|---|
| 1) NACPI | = | 6) OWSNO | = |
| 2) RCOGA | = | 7) CLEALO | = |
| 3) PLTUPI | = | 8) LDHUED | = |
| 4) NULEGO | = | 9) ALTSN | = |
| 5) LIHEW | = | 10) FTONE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ହବ୍ଲ ସ୍ପେସ୍ ଟେଲିସ୍କୋପ୍, ୨.ଟେଷ୍ଟ ବଡ୍, ୩.ରିଆକ୍ଟାଣ୍ଟ, ୪.ଭୁଲ, ୫.ବଦଳିଯାଏ, ୬.ଏରିଥମେଟିକାଲ୍ ଆଣ୍ଡ ଲଜିକାଲ୍ ୟୁନିଟ୍, ୭.ମାଇକ୍ରୋପ୍ରୋସେସର୍, ୮.ହୋମ୍ ପେଜ, ୯.ଇଣ୍ଡିଆନ୍ ଷ୍ଟାଟିକାଲ୍ ଇନଷ୍ଟିଚ୍ୟୁଟ୍, କୋଲକାତା, ୧୦. ସାର୍ ଟିମ ବର୍ଣ୍ଣସ୍-ଲି ।

***Jumble Words* ର ଉତ୍ତର :-**

(1) BEHOLD (2) PARDON (3) MOVIE (4) WRING (5) DRENCH (6) AUTHOR (7) GROUP (8) SILKY (9) FINALE (10) FACADE

## ଔଷଧୀୟ ସୋରିଷ ତେଲ

କିଛି ବର୍ଷ ତଳେ ଆମ ଭାରତୀୟ ରୋଷେଇ ଘରେ ସୋରିଷ ତେଲର ସ୍ଥାନ ବେଶ୍ ସ୍ୱତନ୍ତ୍ର ଥିଲା । ଏବେ କିନ୍ତୁ ଲୋକେ ଆବଶ୍ୟକତାଠାରୁ ଅଧିକ ସ୍ୱାସ୍ଥ୍ୟ ସଚେତନ ହୋଇ ବିଭିନ୍ନ ପ୍ରକାରର ରନ୍ଧା ତେଲ ପଛରେ ଧାଉଁଛନ୍ତି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ନିୟମିତ ସୋରିଷ ତେଲ ରନ୍ଧା ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ଏହାର ମାଲିସ ନିୟମିତ ଢ଼ଙ୍ଗରେ କଲେ ମଧ ଅନେକ ଉପକାର ମିଳିଥାଏ ।



ଶୋଇବା ପୂର୍ବରୁ ନିୟମିତ ସୋରିଷ ତେଲକୁ ହାଲୁକା ଉଷୁମ କରି ପାଦତଳେ ମାଲିସ କଲେ ଭଲ ନିଦ ହେବ । ଦୃଷ୍ଟି ଶକ୍ତି ବଢ଼ିଥାଏ । ନିଶାସେବନ, ଧୂମପାନ ଅଧିକ କଲେ ଆଖିର ଜ୍ୟୋତି ପ୍ରଭାବିତ ହୁଏ । ଏଥିରୁ ବର୍ତ୍ତିବାକୁ ହେଲେ ସୋରିଷ ତେଲ ମହୌଷଧି ।

ସୋରିଷ ତେଲ ନିୟମିତ ପୂରା ଶରୀରରେ ମାଲିସ କଲେ ଆମର ରକ୍ତ ସଞ୍ଚାଳନ ଉତ୍ତମ ଭାବେ ହୋଇଥାଏ ।

ପରୀକ୍ଷାରୁ ଜଣାପଡିଛି ଯେ, ସୋରିଷ ତେଲ ପାଦ ତଳେ ମାଲିସ କରିବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଓଜନକୁ ମଧ ନିୟନ୍ତ୍ରଣ କରେ ।

ମାନସିକ ଚାପ, ଅବସାଦ ଓ ନିଦ୍ରାହୀନତାରୁ ବର୍ତ୍ତିବାକୁ ଚାହୁଁଥିଲେ ୧ ମାସ ପର୍ଯ୍ୟନ୍ତ ସୋରିଷ ତେଲ ପାଦ ତଳେ ମାଲିସ୍ କରନ୍ତୁ । ସପ୍ତାହରେ ୨-୩ ଦିନଥର ଏଇ ଉପାୟ କରନ୍ତୁ । ଦେଖିବେ ନିଶ୍ଚୟ ଆରାମ ଅନୁଭବ କରିବେ । ବଡ଼ କୁଣ୍ଡରେ ଉଷୁମ ପାଣି ଭର୍ତ୍ତି କରି ସେଥିରେ ୨-୩ ଚାମଚ ସୋରିଷ ତେଲ ପକାନ୍ତୁ । ସେହି ପାଣିରେ ପାଦ ୨୦ ମିନିଟ୍ ବୁଡ଼ାଇ ପରେ ଭଲଭାବେ ପୋଛିନେବେ । ସୁନିଦ୍ରା ନିମନ୍ତେ ଏହା ଏକ ଉତ୍ତମ ଉପାୟ ।

# ଏକ ନିଆରା ମହୋତ୍ସବ କୈଳାସୀ ଯାତ୍ରା

## ବିନୟ ରଞ୍ଜନ ପ୍ରଧାନ

ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ କଲଙ୍ଗାଡେରା ଗ୍ରାମ ଠାରେ ଦିର୍ଘ ୩୫୦ ବର୍ଷେହେଲା କୈଳାସୀ ଦେବୀଙ୍କ ପୀଠରେ କୈଳାସୀ ଯାତ୍ରା ରିତିନିତି ଅନୁସାରେ ବଏଲ୍ ଯାତ୍ରା ଅନୁଷ୍ଠିତ ହୋଇଆସୁଛି । ଏହି ଯାତ୍ରା କାର୍ତ୍ତିକ ଶୁକ୍ଳପକ୍ଷ ଦଶମୀ ତିଥିରୁ ଆରମ୍ଭ ହୋଇ ଦ୍ୱାଦଶୀ ତିଥି ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ବରୁଆ ମାନେ କାର୍ତ୍ତିକ ମାସ ସାରା ବିଧିବିଧାନ ସହ ନିଷ୍ଠା ପରଭାବେ ଉପାସନା କରନ୍ତି । ଦଶମୀ ତିଥିର ଅପରାହ୍ନ ୩ ଘଣ୍ଟା ସମୟରେ ବରୁଆ ମାନେ କୈଳାସୀ ମନ୍ଦିରରେ ପୂଜା ଅର୍ଚ୍ଚନା କରନ୍ତି ।ଘଣ୍ଟଶଙ୍ଖ ଦୁଲଦୁଲି ବାଜା ଓ ହୁଳହୁଳି ହରିବୋଲରେ ପୂଜାସ୍ଥଳୀ ପ୍ରକମ୍ପିତ ହୋଇଉଠେ । ତପରେ ବରୁଆମାନେ ଭକ୍ତ ଙ୍କ ଗହଣରେ ନିକଟସ୍ଥ ପୁଖୀମୁଣ୍ଡା ଶିବ ମନ୍ଦିର କୁ ଯାଇ ଶିବପାର୍ବତୀ ଙ୍କ ଠାରୁ ବରପ୍ରାପ୍ତ ହୁଅନ୍ତି ଓ ବରପ୍ରାପ୍ତ ହୋଇ ରାତ୍ରରେ କଳାସୀ ମନ୍ଦିର କୁ ପ୍ରତ୍ୟାବର୍ତ୍ତନ କରନ୍ତି । ଏକାଦଶୀ ତିଥିର ଅପରାହ୍ନ ୩ ଘଣ୍ଟା ସମୟରେ କୈଳାସୀ ଦେବୀ ଙ୍କ ଠାରେ ପୂଜା ଅର୍ଚ୍ଚନା ପରେ କାଲିସୀ ଲାଗେ । ଚାରି ଜଣ ବରୁଆଙ୍କ ଠାରେ ଚାରୋଟି ଦେବାଦେବୀ କାଲିସୀ ରୂପରେ ସବାର ହୁଅନ୍ତି । ଯଥା-ମୁଖ୍ୟ ବୁଢ଼ାରଜା,ଦୁର୍ଗା,ହନୁମାନ ବୀର ଓ ମାଁ ମାହେଶ୍ୱରୀ । ମୁଖ୍ୟ ବରୁଆ ହେଲେ ହାଲଦାର ମେହେର ନିବାସୀ ସତିଘାଟ ଜିଲ୍ଲା ବଲାଙ୍ଗୀର ଙ୍କ ଠାରେ ବୁଢ଼ାରଜା,କୃଷ୍ଣଚନ୍ଦ ମେହେର ନିବାସୀ ବୁର୍ଲା, ଥବୀର ମେହେର ନିବାସୀ କଲଙ୍ଗାଡେରା ଙ୍କ ଠାରେ ମାଁ ମାହେଶ୍ୱରୀ,ନେପାଳ ମେହେର ନିବାସୀ କଲଙ୍ଗାଡେରା ଙ୍କ ଠାରେ ହନୁମାନ ବୀର ସବାର ହୁଅନ୍ତି । ଏହାପରେ ବରୁଆମାନେ ବାଙ୍କି ଦୋଳି ପାଖକୁ ଆସନ୍ତି । ଏହି ଦୋଳିଟି ସାତ ଖଣ୍ଡ ଆଖୁ ଉପରେ ବେଲକଣ୍ଟା ବିଛାଇ ପ୍ରସ୍ତୁତ କରାଯାଏ ।ଘଣ୍ଟଶଙ୍ଖ ସହ ଦୁଲଦୁଲି ବଜାର ତାଳେତାଳେ ଏହି ଦୋଳି ଉପରେ ବସି ଝୁଲନ୍ତି । ଶ୍ରଦ୍ଧାଳୁ ଭକ୍ତ ମାନେ ଏହି ଦୃଶ୍ୟ କୁ ଦେଖିବାପାଇଁ ପ୍ରବଳ ଭିଡ଼ ର ଲାଗିରହେ । ଏହାପରେ ବରୁଆ ମାନେ ଭାବନଈ କୁ ଯାଇ ବୁଡ଼ ପକାଇ ପୂର୍ଣ୍ଣକଳସ ଆଣିବା ସମୟରେ ଭକ୍ତମାନଙ୍କୁ ଏକ ଅଲୌକିକ ଶକ୍ତି ପ୍ରଦର୍ଶନ କରନ୍ତି । ଯାହାକି ଆମ୍ବଡ଼ାଳ ରେ ସତ୍ୟ ପ୍ରସ୍ଫୁଟିତ ବଉଳସହ ଆମ୍ବକଷି କାର୍ତ୍ତିକ ମାସ ରେ ଦେଖିବାକୁ ମିଳିଥାଏ । ପରେ ଅଧିଆ ପଡିଥିବା ମାନସିକଧାରୀ କଷ୍ଟି ମାନଙ୍କର ମନବାଂଛା ବରୁଆ ମାନେ ପୂରଣ କରିଥାନ୍ତି । ଭାବ ଓ ବିଶ୍ୱାସର ପ୍ରତୀକ ସ୍ୱରୂପ ଏହାକୁ ଭାବନଈ ବୋଲି କୁହାଯାଏ ।ରାତ୍ର ୩ ଘଟିକା ସମୟରେ କୈଳାସୀ ଦେବୀ ଙ୍କ ଶ୍ରେଷ୍ଠ ପୂଜା ଅନୁଷ୍ଠିତ ହୁଏ । ଯାହାକି ସିଂହାସନ ପୂଜା ନାମରେ ବିଧିତ । ଏହି ପୂଜା ସମୟରେ ବରୁଆଗଣ କାଳିସୀ ଲାଗିବା ପୂର୍ବରୁ ବେଲ କଣ୍ଟା ଆସନରେ ବସିବାକୁ ମିଳିଥାଏ । ଦ୍ୱାଦଶୀ ତିଥିର ଅପରାହ୍ନ ୩ ଘଟିକା ସମୟରେ କୈଳାସୀ ଦେବୀ ଙ୍କ ଠାରେ ପୂଜା ଅର୍ଚ୍ଚନା ଆରମ୍ଭ ହୁଏ ।ପରେ ବରୁଆ ମାନେ ନଗର ପରିକ୍ରମାରେ ବାହାରନ୍ତି ? ।ଐତିହାସିକ କିମ୍ବଦନ୍ତୀ ରୁ ଜଣାପଡେଯେ, ସତିଘାଟ ଜିଲ୍ଲା ବଲାଙ୍ଗୀର ଗ୍ରାମର ଶ୍ରୀ ଜଟିଆ ମେହେର ଏବଂ ତାଙ୍କ ସହଧର୍ମିଣୀ କୌଣସି କାର୍ଯ୍ୟରେ ସୋହେଲା ବ୍ଲକ ସ୍ଥିତ ବାରୁପାଲି ଗ୍ରାମକୁ ଯାଇଥିଲେ । ସେଠାରେ ପୋଖରୀ ରେ ଗାଧୋଇବା ସମୟରେ ପାଣି ଭିତରେ ଶ୍ରୀ ମେହେର ଅନ୍ତର୍ଦ୍ଧାନ ହୋଇଗଲେ ।ଅନେକ ଖୋଜାଖୋଜି ସତ୍ୱେ ତାଙ୍କ ପତ୍ତା ମିଳିପାରି ନ ଥିଲା । ଏହି ଘଟଣାର ୨୧ ଦିନ ପରେ କଲଙ୍ଗାଡେରା ପୋଖରୀ ହୁଡାରେ ଶ୍ରୀ ମେହେର ବସିଥିବାର ଦେଖିବାକୁ ମିଳିଥିଲା । ସେ ଲୋକଙ୍କୁ ଡାକି ପ୍ରଭୁ ଶିବ ଙ୍କ ବରପ୍ରାପ୍ତି ହୋଇଥିବା କଥାଟି ପ୍ରକାଶ କରିଥିଲେ । ଲୋକେ ତାଙ୍କୁ ପାଛୋଟି ନେଇ ତାଙ୍କ ଆଦେଶ ଅନୁସାରେ ଏହି ପର୍ବ ଟି ଅଦ୍ୟାବଧି ପାଳନ କରିଆସୁଛନ୍ତି । ପିଢ଼ିପରେ ପିଢ଼ି ପରେ ବର୍ତ୍ତମାନ ଶ୍ରୀ ମିରଚା ମେହେର ପୂଜକଭାବେ ଏବଂ ଶ୍ରୀ ତୋଷବନ୍ତ ମେହେର ଓ ହେମନ୍ତ ମେହେର ଝାଙ୍କର୍ ଭାବେ କାର୍ଯ୍ୟ ନିର୍ବାହ କରି ଆସୁଛନ୍ତି ।

**ବରଷ୍ଠ ସାମ୍ବାଦିକ, ସୋନପୁର**

## ନରେନ୍ଦ୍ର ପ୍ରଧାନ ଏସଡିସିସି ବ୍ୟାଙ୍କ ସଭାପତି ନିର୍ବାଚିତ

ବରଗଡ଼: ସମ୍ବଲପୁର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ରୂପେ ନରେନ୍ଦ୍ର ପ୍ରଧାନ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଅତାବିରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝିଲିମିଣ୍ଡା କୃଷି ସମବାୟ ସମିତିର ନିର୍ଦ୍ଦେଶକ ତଥା ବିଜୁ ଜନତା ଦଳ ର ସମର୍ଥିତ ପ୍ରାର୍ଥୀ ନରେନ୍ଦ୍ର ପ୍ରଧାନ ଏକମାତ୍ର ପ୍ରାର୍ଥୀ ଭାବରେ ମନୋନୟନ ପତ୍ର ଦାଖଲ କରିଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କେହି ନାମାଙ୍କନ ପତ୍ର ଦାଖଲ କରି ନଥିବା ଓ ନରେନ୍ଦ୍ର ପ୍ରଧାନଙ୍କ ନାମାଙ୍କନ ବୈଧ ଥିବାରୁ ନିର୍ବାଚନ ଅଧିକାରୀ ତାଙ୍କୁ ବିଜୟୀ ଘୋଷଣା କରିଥିଲେ । ସୂଚନାଯୋଗ୍ୟ ଯେ ବରଗଡ଼ ସ୍ଥିତ ସମ୍ବଲପୁର କେନ୍ଦ୍ର ସମବାୟ ବ୍ୟାଙ୍କର କାର୍ଯ୍ୟ ପରିସର ସମଗ୍ର ବରଗଡ଼ ରାଜସ୍ୱ ଜିଲ୍ଲା ସମେତ ସମ୍ବଲପୁର, ଦେବଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା ଅଟେ ।

## ରେଳବାଇ ନିରାପତ୍ତା ଆୟୁକ୍ତଙ୍କ ନିରୀକ୍ଷଣ

ସମ୍ବଲପୁ : ଦକ୍ଷିଣ ପୂର୍ବ ସର୍କଲର ରେଳବାଇ ନିରାପତ୍ତା ଆୟୁକ୍ତ ଏ.ଏମ୍ ଚୌଧୁରୀ ସମ୍ବଲପୁର-ଟିଟିଲାଗଡ଼ ସେକ୍ସନ୍‌ର ବଡମାଲ-ସିକିରି ଷ୍ଟେସନ୍ ମଧ୍ୟରେ ଚାଲିଥିବା ଦୋହରୀକରଣ କାର୍ଯ୍ୟର ନିରୀକ୍ଷଣ କରିଛନ୍ତି । ଏହି ଅବସରରେ ସ୍ପିଡ୍ ଟ୍ରାଏଲ ମଧ କରାଯାଇଥିଲା । ନିରୀକ୍ଷଣ ସମୟରେ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂ, ପୂର୍ବତଟ ରେଳ ପଥ ପ୍ରମୁଖ ମୁଖ୍ୟ ଇଞ୍ଜିନିୟରେ ଓ ସମ୍ବଲପୁର ରେଳ ମଣ୍ଡଳ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜନାର୍ଦ୍ଦନ ପୂଜାରୀ ଜୟନ୍ତୀ



ସମ୍ବଲପୁର : ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଯାଇଛି । ଏଥିରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଡାକ୍ତର ପୂଜାରୀଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ ।

ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ଡକ୍ଟର ନୃପରାଜ ସାହୁ ଏଥିରେ ମୁଖ୍ୟବକ୍ତା ଓ ଡକ୍ଟର ସତ୍ୟନାରାୟଣ ଠାକୁର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଡାକ୍ତର ପୂଜାରୀଙ୍କ ଜୀବନର ମହନୀୟତା ଉପରେ ଆଲୋକପାତ କରିଥିଲେ । ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡକ୍ଟର ରଘୁନାଥ ମେହେର ସଭାପତିତ୍ୱ କରିଥିବା ବେଳେ ଦୀପକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଜୟନ୍ତୀ ଅବସରରେ ଡାକ୍ତର ପୂଜାରୀ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀ ପୀୟୁଷ ଠାକୁର, ସ୍ୱସ୍ତିକ ପ୍ରଧାନ, ସରସ୍ୱତୀ ସାଲିମା ଓ ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଲଙ୍କା ଚାଷକୁ ପ୍ରୋତ୍ସାହତ ପାଇଁ ଗୁରୁତ୍ୱ ଦେଲେ ଜିଲ୍ଲାପାଳ

କୁଚିଣ୍ଡା : ଜିଲ୍ଲାରେ ଲଙ୍କା ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି । ସେହିପରି ଲଙ୍କା ଚାଷୀଙ୍କୁ ନେଇ ହ୍ୱାଷ୍ଟଆପ୍ ଗ୍ରୁପ୍ ଗଠନ କରି ଚାଷୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି ମଧ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଥିବା ସୂଚନା ଦିଆଯାଇଛି । ଲଙ୍କା ଚାଷ ସହ ବିଭିନ୍ନ ପ୍ରକାର ଫୁଲ ଓ ଟମାଟୋ ଚାଷକୁ ମଧ ଗୁରୁତ୍ୱ ଦେବା ପାଇଁ କୁଚିଣ୍ଡା ଠାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଅନନ୍ୟା ଦାସ ଗୁରୁତ୍ୱାରୋପ କରିଛନ୍ତି ।



ଜିଲ୍ଲାପାଳ କୁଚିଣ୍ଡା ଗସ୍ତରେ ଯାଇ ମନ୍ତ୍ରୀମୁଣ୍ଡା ଠାରେ ମା' ମେଟାକାନି ଏଗ୍ରୋ ଦ୍ୱାରା କରାଯାଇଥିବା ଲଙ୍କା ନର୍ସରୀ ପରିଦର୍ଶନ କରିଥିଲେ । ଲଙ୍କା ଚାଷ ପାଇଁ ବିଭିନ୍ନ ପ୍ରଣାଳୀରେ କିଭଳି ଚାରା ଉତ୍ପାଦନ କରାଯାଉଛି ତାହା ତଦାରଖ କରିଥିଲେ । ଏହି ଅବସରରେ କୁଚିଣ୍ଡା ବ୍ଲକର ଚାଷୀଙ୍କୁ ୧୦ ହଜାର ଚାରା ବ[ନ କରି ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ କୁଚିଣ୍ଡା ଉପଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଡେପୁଟି ସିଇଓ ଓରମାସ୍ ଶ୍ରୀମନ୍ତ ହୋତା, କୁଚିଣ୍ଡା ବିଡିଓ ନିରଞ୍ଜନ ସା, ସହକାରୀ ଜିଲ୍ଲାପାଳ ଲୋଚନ ଶବର, ଏଆର୍‌ସିଏସ୍ ଭବାନୀ ନାଏକ, ବ୍ଲକ ଅଧକ୍ଷ ଭୁବନେଶ୍ୱର କିସାନଙ୍କ ସହ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ପରେ ବିଭାଗୀୟ ଅଧିକାରୀଙ୍କ ସହ ଆଗାମୀ ଦିନରେ ନର୍ସରୀରେ କ'ଣ ସବୁ ଚାରା ଉତ୍ପାଦନ କରାଯାଇ ପାରିବ ଏନେଇ ଆଲୋଚନା କରିଥିଲେ ।

## ଓଡ଼ିଶାର ... (ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

ଇତିମଧ୍ୟରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରକାଶ ପାଇ ରାଜ୍ୟ ସରକାରଙ୍କ ସ୍ୱୀକୃତି ଲାଭ କରିଥିବା ଦୈନିକ ସମ୍ବାଦପତ୍ରର ସଂଖ୍ୟା ବୃଦ୍ଧି ପାଇ ୧୨୧ ରେ ପହଞ୍ଚିଲାଣି । ମାତ୍ର ଏଗୁଡ଼ିକ ମଧ୍ୟରୁ ବାସ୍ତବରେ କେତେ ସମ୍ବାଦପତ୍ର ନିୟମିତ ଭାବରେ ପ୍ରକାଶିତ ହୁଏ, ତାହା ନିରୂପଣ କରିବା ସହଜସାଧ ନୁହେଁ । ୧୧୭ଟି ଦୈନିକ ସମ୍ବାଦପତ୍ରକୁ ବାଦ୍ ଦେଲେ ଓଡ଼ିଶାରୁ ପ୍ରାୟ ୫୦୦ ସାପ୍ତାହିକ, ପାକ୍ଷିକ ଓ ମାସିକ ପତ୍ରିକା ପ୍ରକାଶ ପାଉଥିବା ଜଣାପଡ଼ିଛି ।

ସମୟର ପରିବର୍ତ୍ତନ ସହିତ ସମ୍ବାଦପତ୍ରଗୁଡ଼ିକର ସଂଜ୍ଞା, ଲକ୍ଷ୍ୟ, ଆଦର୍ଶ ମଧ ବଦଳି ଗଲାଣି । ଆଗେ ଯେଉଁମାନେ ରାଜନୀତିରେ ଥିଲେ କିମ୍ବା ରାଜନୀତିକୁ ଆସିବା ପାଇଁ ଆଗ୍ରହୀ ଥିଲେ ସାଧାରଣତଃ ସେଇମାନେ ସମ୍ବାଦପତ୍ର ପ୍ରକାଶ ପାଇଁ ଅଗ୍ରସର ହେଉଥିଲେ । ମାତ୍ର ଏବେ କେତେକ ଦୁର୍ନୀତିଗ୍ରସ୍ତ ରାଜନେତା, ଅସାଧୁ ବ୍ୟବସାୟୀ, ଖଣି ଖାଦାନ ମାଲିକ, ବିଲଡ଼ର ଏହାକୁ ସେମାନଙ୍କ ବ୍ୟବସାୟର ମାଧ୍ୟମ ରୂପେ ବ୍ୟବହାର କରୁଛନ୍ତି । ଏଥିରେ ସେମାନଙ୍କର ଦୁଇଟି ଉଦ୍ଦେଶ୍ୟ ସାଧିତ ହେଉଛି । ପ୍ରଥମତଃ ସେମାନେ ସମ୍ବାଦପତ୍ର ମାଧ୍ୟମରେ ସେମାନଙ୍କ ବ୍ୟବସାୟର ସୁରକ୍ଷା କରିପାରୁଛନ୍ତି ଏବଂ ଦ୍ୱିତୀୟତଃ ଅସାଧୁ ଉପାୟରେ ଆୟ କରୁଥିବା 'କଳାଧନ'କୁ ଧଳା କରିବାରେ ସମ୍ବାଦପତ୍ର ଏକ ଆୟୁଧ ଭାବରେ ବ୍ୟବହାର କରୁଛନ୍ତି । ଏହାଫଳରେ ସମ୍ବାଦପତ୍ରର ସାଧୁତା ଉପରେ ସାଧାରଣ ଲୋକଙ୍କର ବିଶ୍ୱାସନୀୟତା କ୍ରମେ କମି କମି ଯାଉଛି । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ପରିଚିତ ଗଣମାଧ୍ୟମର ଗରିମା ଓ ମର୍ଯ୍ୟାଦା ମଧ କ୍ଷୁଣ୍ଣ ହେଉଛି । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା କଦାପି ଶୁଭଙ୍କର ହୋଇ ନପାରେ ।

**ନବୀନ ଭବନ,**
**ବ୍ରହ୍ମପୁର-୭୬୦୦୧୦**
**ମୋ -୯୮୬୧୦ ୧୩୭୮୦**

## ହୀରାଖଣ୍ଡ ନାଗରିକ ପରିଷଦର ପ୍ରତିଷ୍ଠା ଦିବସ

ସମ୍ବଲପୁର: ହୀରାଖଣ୍ଡ ନାଗରିକ ପରିଷଦର ୩୨ ତମ ପ୍ରତିଷ୍ଠା ଦିବସ ଡାକ୍ତର ଜୟଦେବ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝୀ ମୁଖ୍ୟ ଅତିଥି ଓ କଳାପାଣି କଲେଜର ଅଧକ୍ଷ ମୋହନ ସାହୁ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ପରିଷଦ ସମ୍ପାଦକ ପ୍ରଫେସର ନନ୍ଦ କିଶୋର ଦେବତା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡାକ୍ତର ଜ୍ୟୋତିରଞ୍ଜନ ପଣ୍ଡା, ପ୍ରଫୁଲ୍ଲ କୁମାର ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସ୍ୱର୍ଗତ ବିରଞ୍ଚି ନାରାୟଣ ପତି ଏବଂ ଶିକ୍ଷା ପ୍ରଶାସକ ମନମୋହନ ପଟ୍ଟନାୟକଙ୍କୁ ମଧ ମରଣୋତ୍ତର ସମ୍ବର୍ଦ୍ଧନା ଦିଆଯିବା ସହ 'ଉତ୍ସର୍ଗ' ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଡାକ୍ତର ଲକ୍ଷ୍ମୀ ନାରାୟଣ ରଥ ଜେରିଏଟ୍ରିକ୍ ସ୍ୱାସ୍ଥ୍ୟ ଯତ୍ନ ଉପରେ ଭିତ୍ତି ଆଲେଖ୍ୟ ପାଠ କରାଯିବା ସହ ସ୍ମରଣିକା ଉନ୍ମୋଚନ କରାଯାଇଥିଲା ।

## ସମ୍ବଲପୁରବାସୀଙ୍କୁ ଭୂମି ଅଧିକାର

ସମ୍ବଲପୁର: ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ସମ୍ବଲପୁରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ତଥା ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲ୍ଲାପାଳ ଅନନ୍ୟା ଦାସ, ଏସ୍.ପି ବି.ଗଙ୍ଗାଧର, ମହାନଗର ନିଗମ କମିଶନର ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁରୀ କଳା ଓ ସଂସ୍କୃତିକୁ ବିଶ୍ୱଦରବାରରେ ପହଞ୍ଚାଇବା ପାଇଁ ଉଦ୍ୟମ ହେବା ଆବଶ୍ୟକ: ଶାଶ୍ୱତ ଯୋଶୀ







ଉଡାନର ପଞ୍ଚମ ପ୍ରତିଷ୍ଠା ଦିବସ












ସମ୍ବଲପୁର : ସମ୍ବଲପୁରର କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସବୁ ସ୍ତରରେ ଉଦ୍ୟମ ଜାରି ରହିବା ଦରକାର ବୋଲି ଆନ୍ତର୍ଜାତିକ ସ୍ତରରେ ସୁନାମ ଆଣିଥିବା ବିଶିଷ୍ଟ ମଡେଲ ଓ କୋରିଓଗ୍ରାଫର ଶାଶ୍ୱତ ଯୋଶୀ ମତବ୍ୟକ୍ତ କରିଛନ୍ତି । ତପସ୍ୱିନୀ ଅଡିଟୋରିୟମଠାରେ ସାଂସ୍କୃତିକ ଅନୁଷ୍ଠାନ ଉଡ଼ାନ୍ ଓ କିଡ଼ିଜ୍ ଫାଉଣ୍ଡେସନ ସ୍କୁଲର ପଞ୍ଚମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଶ୍ରୀ ଯୋଶୀ କହିଥିଲେ ଯେ ଆମର ଏଠାରେ ବହୁ ପ୍ରତିଭା ରହିଛନ୍ତି । ସଚେତନତା ଓ ଉପଯୁକ୍ତ ସୁଯୋଗ ମିଳୁ ନ ଥିବାରୁ ସେମାନେ ବିଶ୍ୱ ଦରବାରରେ ପହଞ୍ଚିପାରୁ ନାହାନ୍ତି । ଆସନ୍ତା ୫ ବର୍ଷ ଭିତରେ ଅନୁଷ୍ଠାନର ୧ ହଜାର ପିଲା ଯେପରି ସଫଳତାର ଶୀର୍ଷରେ ପହଞ୍ଚିବେ ସେ ତାହା ଦେଖିବାକୁ ଚାହାନ୍ତି ।

ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ସମ୍ବଲପୁରର ମହାନ ସଂସ୍କୃତି ଆଜି ବିଶ୍ୱର ବିଭିନ୍ନ ସ୍ତରରେ ପହଞ୍ଚି ଉଚ୍ଚ ପ୍ରଶଂସିତ ହେଉଛି । ପ୍ୟାରିସର ରାଫେଲ ଟାୱାରଠାରେ ଶାଶ୍ୱତ ଯୋଶୀ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଦେଶ ପାଇଁ ସୁନାମ ଆଣିଥିବା ଏହାର ପ୍ରକୃଷ୍ଟ ଉଦାହରଣ ବୋଲି ସେ କହିଥିଲେ ।

'ସକାଳ' ପଶ୍ଚିମ ଓଡ଼ିଶା ସଂସ୍କରଣର ଶାଖା ପ୍ରବନ୍ଧକ ନରୋତ୍ତମ ଗୁରୁ ସଂସ୍କୃତି ଓ ସଭ୍ୟତା ସହ ଯୋଡ଼ିବା ଉଡ଼ାନ ଅନୁଷ୍ଠାନର ଏକ ମହତ ପ୍ରୟାସ ବୋଲି କହିଥିଲେ । ଆଡ଼ଭୋକେଟ ବନ୍ଦିତା ମିଶ୍ର ଏଥିରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶିକା ତମନ୍ନା ସାମନ୍ତରାୟ ଉଡ଼ାନ ଏକ ଯାତ୍ରା, ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ଅନେକ ଦୂର ବାକି ରହିଛି । ତଥାପି ଯାତ୍ରା ଯେତେ କଠିନ ହେବ ସଫଳତା ଶିଖର ଛୁଇଁବ ବୋଲି କହିଥିଲେ । ଅନ୍ୟତମ ପ୍ରତିଷ୍ଠାତା ରମେଶ ସାହା ଅନୁଷ୍ଠାନକୁ ସଫଳତା ଆଣିବା ଦିଗରେ ନୃତ୍ୟଗୁରୁ ଓ ଛାତ୍ରଛାତ୍ରୀଙ୍କର ବିଶେଷ ଭୂମିକା ରହିଛି ବୋଲି କହିଥିଲେ ।

ଏହି ଅବସରରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଆୟୋଜିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସୁଶ୍ରୀ ଆଦ୍ୟାଶା ମଞ୍ଜରୀ ପଟ୍ଟନାୟକ ଓ ତିଷା ମିଶ୍ର ଉଡାନ ଏଚିଭର୍ସ ରୂପେ ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ନୃତ୍ୟଗୁରୁ ମାଷ୍ଟର ପ୍ରେମ, ଲକ୍ଷ୍ମଣ ରାଉତ, ଶାହି, ସୀମରିକା, ଦେବସ୍ମିତା, ସୋନେସ, ଭିକି, ମିସ୍ ଛାୟା, ଅନୁରେଖା ଓ ନିତ୍ୟାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଅଧାପିକା ସୀମନ୍ତିକା ଦାଶ ଓ ପିଙ୍କି ଶର୍ମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଏମ୍‌ସିଏଲ୍‌ରେ ଭିଜିଲାନ୍ସ ସପ୍ତାହ ପାଳିତ







ବୁର୍ଲା : ଏମ୍‌ସିଏଲ୍ ମୁଖ୍ୟାଳୟ ସମେତ ଏହା ଅନ୍ତର୍ଗତ ସମସ୍ତ ଅଞ୍ଚଳରେ ଗତ ୩୧ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଥିଲା । ଜାଗୃତିବିହାର କ୍ୟାମ୍ପସ୍‌ର ରଜନୀଗନ୍ଧା ହଲ୍‌ରେ ପୁରସ୍କାର ବିତରଣ ଓ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଛି । ଏଥିରେ ଏମ୍‌ସିଏଲ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି ସିଂହ ମୁଖ୍ୟ ଅତିଥି, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ ପଟେଲ, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରା ସମ୍ମାନିତ ଅତିଥିଭାବେ ଦେଇଥିଲେ । ଜାଗୃତି ମହିଳା ମଣ୍ଡଳର ସଭାନେତ୍ରୀ ଏବଂ ଉପସଭାନେତ୍ରୀ ଗଣ ବି ଉପସ୍ଥିତ ଥିଲେ । ସପ୍ତାହବ୍ୟାପୀ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରା ଯାଇଥିଲା । ବ୍ରହ୍ମପୁରର ପ୍ରିନ୍ସ ନୃତ୍ୟ ଦଳ, ବାଲୁକା କଳା ଶିଳ୍ପୀ ବାଦଲ ବରାଇ ନିଜନିଜ କଳା ପ୍ରଦର୍ଶନ କରିଥିଲେ । ଅନୁଗୁଳର ଶ୍ରୀରାମ ଛାୟା ଥିଏଟର୍ ତରଫରୁ ଛାୟା ପୁତୁଳି ନାଚ ପରିବେଷିତ ହୋଇଥିଲା । ସମ୍ବଲପୁରର ଅଦୃଶ୍ୟ ନାଟ୍ୟ ଆଶ୍ରମ ପଥପ୍ରାନ୍ତ ନୃତ୍ୟ ପରିବେଷଣ କରିଥିଲେ । ଶେଫାଳି ଉଦ୍‌ଗାତା ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏ ଅବସରରେ ସମ୍ବଲପୁର ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ରଥ ବାହାର କରାଯାଇଥିଲା । ଏହାଛଡ଼ା ରନ୍ ଫର୍ ଏକ୍ସଲେନ୍ସ କ୍ୟୁଜିତ୍ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା, ସାଇକ୍ଲୋଥୋନ, ଚିତ୍ରାଙ୍କନ, ପ୍ରବନ୍ଧ ଓ ସ୍ଲୋଗାନ ପ୍ରତିଯୋଗିତା ମଧ ଆୟୋଜନ କରାଯାଇଥିଲା । ବସନ୍ତପୁର ଗ୍ରାମରେ ଏକ ଗ୍ରାମସଭାର ଆୟୋଜନ କରାଯାଇ ଗ୍ରାମବାସୀଙ୍କୁ ଦୁର୍ନୀତି ବିରୋଧୀ ଶପଥ ଗ୍ରହଣ କରାଯାଇଥିଲା । ଏକ ବିଡର୍ସ ସମାବେଶ ମଧ ଅନୁଷ୍ଠିତ ହୋଇଥିଲା ।

# ଏନଏସ୍‌ସିବି କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ








ସମ୍ବଲପୁର : ସ୍ଥାନୀୟ ନେତାଜୀ ସୁବାଷ ଚନ୍ଦ୍ର ବୋଷ ସରକାରୀ କଲେଜର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏହି ଉତ୍ସବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗାରାଜୁ, ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କେଶରୀ ଦାଶ ମହାପାତ୍ର, କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ, ଜିଲ୍ଲାପାଳ ଅନନ୍ୟା ଦାଶ, ସମାଜସେବୀ ଡାକ୍ତର ନାରାୟଣୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । କଲେଜର ଅଧକ୍ଷା ଡକ୍ଟର ଶିକତା ପଣ୍ଡା, ଡକ୍ଟର ଶ୍ୟାମ ଭୋଇ, ସୁବର୍ଣ୍ଣ ଜୟନ୍ତୀ କମିଟୀର ଅଧକ୍ଷ ଶ୍ରୀ ଅନିରୁଦ୍ଧ ପ୍ରଧାନ ପ୍ରମୁଖ ଏହି ଉତ୍ସବରେ ଭାଷଣ ଦେଇଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra